


# ପାରିବାରିକ କଳହରୁ ଛୁରାମାଡ଼

**ଛେଣ୍ଡିପଦା,୧୧।୧୦(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ହାଟପଦା ପଡିଆ ନିକଟରେ ପାରିବାରିକ କଳହକୁ ନେଇ ଛୁରାମାଡ଼ରେ ଶୁକ୍ରବାର ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ହାଟପଦା ପଡିଆରେ ଯାଯାବର ଭାବେ ରହୁଥିବା ଭିକୁ ମାଝି। ପୋଲିସ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଭିକୁ ଓ ସ୍ତ୍ରୀ ସୁନିଁଆ ମାଝିଙ୍କ ମଧ୍ୟରେ ଗୁରୁବାର ଝଗଡା ହୋଇଥିଲା। ଖବରପାଇ ସୁନିଁଆଙ୍କ ଭାଇ ଅର୍ଜୁନ ମାଝି ଓ ସମ୍ପର୍କୀୟ ଭିଣୋଇ ନରି ମାଝି ବୁଝାଶୁଝା ପାଇଁ ସେଠାରେ ପହଞ୍ଚିଥିଲେ ହେଁ ବିବାଦ ସମାଧାନ ହୋଇ ନ ପାଇ ଉଗ୍ରରୂପ ନେଇଥିଲା। ଉତ୍ତ୍ୟକ୍ତ ହୋଇ ନରି ଓ ଅର୍ଜୁନ ଭିକୁଙ୍କ ଛାତିରେ ଛୁରା ମାଡ଼ କରିଥିବା ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଅର୍ଜୁନ ଓ ନରି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।







# ଗୋଟିଏ ଦିନରେ ୪ ପୋଲିସ ନିଲମ୍ବିତ

- ପୋଲିସ ଗାଡ଼ିରେ ଅଭିଯୁକ୍ତ ଫେରାର, ଏଏସଆଇ ଓ ହାବିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ
- ନିଜ ଭିତରେ ମାର୍‌ପିଟ ହେଲେ ଦୁଇ ଓଏପିଏଫ୍ କର୍ମଚାରୀ

**ବାରିପଦାଅଫିସ/ଉଦଳା,୧୧।୧୦(ଡ଼ି.ଏନ୍.ଏ.):** କାର୍ଯ୍ୟରେ ଅବହେଳା ନେଇ ମୟୂରଭଞ୍ଜ ଜିଲା ପୋଲିସ ସବୁବେଳେ ଚର୍ଚ୍ଚାରେ ରହି ଆସିଛି। କିଛିଦିନ ତଳେ ବାରିପଦା ଟାଉନ ଥାନା ପୋଲିସ ଆଖିରେ ଧୂଳିଦେଇ ଜଣେ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ପୁଣି ଗୁରୁବାର ଶୁଳିଆପଦା ଥାନା ପୋଲିସକୁ ଚକମା ଦେଇ ପୋଲିସ ଗାଡ଼ି ନେଇ ଜଣେ ଅଭିଯୁକ୍ତ ଫେରାର ହେବା ଘଟଣା ପୋଲିସ ବିଭାଗର ଅପାରଗତାକୁ ପଦାରେ ପକାଇଛି। ଏହି ଘଟଣାରେ ଜଣେ ଏଏସଆଇ ଓ ଜଣେ ହାବିଲଦାରଙ୍କୁ ଏସପି ପରମାର ସ୍ମିଥ ପୁରୁଷୋତ୍ତମଦାସ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସେହିପରି ବାରିପଦା ସଦର ଥାନା ଅଞ୍ଚଳରେ ଡ୍ୟୁଟି କରୁଥିବା ଦୁଇଜଣ ଓଏପିଏଫ କର୍ମଚାରୀ ନିଜ ଭିତରେ ମାର୍‌ପିଟ ହୋଇଥିଲେ। କାର୍ଯ୍ୟରେ ଅବହେଳା ଓ ବିଶୃଙ୍ଖଳା ସୃଷ୍ଟି କରିଥିବାରୁ ସେମାନଙ୍କୁ ମଧ୍ୟ ଏସପି ପୁରୁଷୋତ୍ତମଦାସ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଗୋଟିଏ ଦିନରେ ୪ ଜଣ ପୋଲିସ କର୍ମଚାରୀ ନିଲମ୍ବିତ ହେବା ଘଟଣା ଜିଲା ପୋଲିସ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।











ଅତିତା ସବୁ କ୍ଷେତ୍ରରେ ଖରାପ, ଯେପରି ଅତି ମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।
- ଭଲଟାୟର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ରୀ ଜଗନ୍ନାଥ ସେବା ସଦନ ପକ୍ଷରୁ ଗାନ୍ଧୀ ଆଦର୍ଶ ସମ୍ମାନ ସମାରୋହ, ରୋଟାରୀ ଭବନ, ଅପରାହ୍ଣ ୪ଟା।
- ଡ. ରାମମନୋହର ଲୋହିଆଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆଲୋଚନା ସଭା, ଲୋହିଆ ଏକାଡେମୀ, ଅପରାହ୍ଣ ୫ଟା।
- ବର୍ଷା ପବ୍ଲିକେଶନ ପକ୍ଷରୁ ପୁସ୍ତକ ଲୋକାର୍ପଣ ଉତ୍ସବ, ହୋଟେଲ କେଶରୀ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ 'ରଙ୍ଗବତୀ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ସିପିଆଇ(ଏମ୍) ପକ୍ଷରୁ ପ୍ରତିବାଦ ସଭା, ପାର୍ଟି ଅଫିସ ସାମ୍ନା, ପିଲ୍‌ଗ୍ରୀମ ରୋଡ୍, ସନ୍ଧ୍ୟା ୬ଟା।

**ପୁରୀ**

- ଶାରଦୀୟ ସାହିତ୍ୟ ଆସର, ଭକ୍ତ ସାଲବେଗ ସମାଧି ପୀଠ, ଅପରାହ୍ଣ ୪ଟା ୩୦।

## ଗୋଡ଼ା ଗାଁ ଦାଣ୍ଡରେ ହାତୀ



**ଖୋର୍ଦ୍ଧା ଅଫିସ, ୧୧।୧୦:** ଖୋର୍ଦ୍ଧା ବନଖଣ୍ଡ ବେଗୁନିଆ ବ୍ଲକ ଗୋଡା ଗାଁ ଦାଣ୍ଡରେ ଶୁକ୍ରବାର ଭୋର ସମୟରେ ଏକ ମାଈ ହାତୀକୁ ଦେଖିବାକୁ ମିଳିଥିଲା। ହାତୀଟି ଗାଁ ଭିତରକୁ ଆସୁଥିବାବେଳେ ଗାଁ ଲୋକ ଘଉଡାଇଥିଲେ। ହାତୀଟି ସ୍ଥାନୀୟ ଜଙ୍ଗଲକୁ ଚାଲି ଯାଇଥିଲା। ଅନ୍ୟପକ୍ଷେ ଗୋଡା ଗାଁ ଦାଣ୍ଡରେ ବିଭିନ୍ନ ସମୟରେ ହାତୀପଲକୁ ଦେଖିବାକୁ ମିଳୁଛି। ଗାଁ ଲୋକ ଭୟଭୀତ ଥିଲେ ବି ହାତୀଙ୍କୁ ଘଉଡାଉଛନ୍ତି। ସେହିପରି ଗୋଡା ଗାଁର ଧାନ ଫସଲରେ ହାତୀଙ୍କ ଉତ୍ପାତ ଲାଗି ରହିଛି। ପ୍ରତିଦିନ ଚାଷୀଙ୍କର ଧାନ ଫସଲ ନଷ୍ଟ ହୋଇ ଚାଲିଥିଲେ ମଧ ଏହାର ନିରାକରଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଜମି ବିବାଦରୁ ବୋମାମାଡ଼

**ଝାଁଳା,୧୧।୧୦(ଡି.ଏନ.ଏ.):** ଝାଁଳା ଫାଣ୍ଡି ଅନ୍ତର୍ଗତ ହରପୁର ମୌଜାରେ ଥିବା ଏକ ପାଚେରି ଘେରା ଜମି ଉପରେ ବୋମାମାଡ ହୋଇଥିବା ଅଭିଯୋଗ ହୋଇଛି। ବୋମାମାଡରେ ଜମି ଚତୁଃପାର୍ଶ୍ୱରେ ଘେରା ଯାଇଥିବା ପାଚେରି କ୍ଷତିଗ୍ରସ୍ତ ହୋଇଛି। ଗୁରୁବାର ଭୋରୁ ଏହା ଘଟିଛି। କ୍ଷତିଗ୍ରସ୍ତ ପାଚେରି ନିକଟରେ ଶୁତୁଲି, କାଗଜ ଆଦି ପଡିରହିଥିଲା। ଏହି ଜମିର ବିକ୍ରୟକୁ ନେଇ ଏହାର ମାଲିକ ଓ ଏକ ବିଲ୍ଡର ସଂସ୍ଥା ମଧରେ କିଛିଦିନ ହେବ ବିବାଦ ଲାଗି ରହିଥିବା ପୋଲିସ ସୂତ୍ରରୁ ଜାଣିବାକୁ ମିଳିଛି। ଏହି ବିବାଦରୁ ଏପରି ଘଟିଥିବା ସନ୍ଦେହ କରାଯାଉଛି। ବିଲ୍ଡର ସଂସ୍ଥା ଚକ୍ରାନ୍ତ କରି ଜମି ହାତେଇ ନେଇଥିବା ଓ ବୋମାମାଡ ସଂକ୍ରାନ୍ତରେ ଏହି ଜମିର ମାଲିକ କହୁଥିବା ବ୍ୟକ୍ତିଙ୍କ ପୁତ୍ର ସୁରେଶ ପ୍ରଧାନ ଝାଁଳା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ନିଲାମ ବନ୍ଦ ପରେ ଲଗାମ ଢିଲା

# ବଢୁଛି ବଉଳମାଳ ପଥର ଚୋରା ଚାଲାଣ

## ରୋକା ଯାଇପାରୁନି ବେଆଇନ ଖଣି ଖନନ



**ଖୋର୍ଦ୍ଧା ଅଫିସ,୧୧।୧୦**

ଖୋର୍ଦ୍ଧା ତହସିଲର ନରଣଗଡ଼ ଅଞ୍ଚଳରେ ଥିବା ବଉଳମାଳ ପଥର ଖଣିର ନିଲାମ ପ୍ରାୟ ୬ ବର୍ଷ ଧରି ବନ୍ଦ ରହିଛି। ହେଲେ ବେଆଇନ ଖଣି ଖନନକୁ ରୋକା ଯାଇପାରୁନି। କିଛିଦିନ ତଳେ ନୟାଗଡ ଜିଲାର ରଣପୁର ଥାନାର ସାନଗଡ଼ଠାରେ ପୋଲିସ ଗଞ୍ଜାମ ଜିଲାକୁ ଚୋରା ଚାଲାଣ ହେଉଥିବା ବଉଳମାଳ ପଥର ବୋଝେଇ ୪୦୭ ଟ୍ରକ ଜବତ କରିଥିଲା। ଏହାକୁ ଏସ୍କଟରେ ନେଉଥିବା ୫ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମିଳିଥିବା ସୂଚନା ଅନୁସାରେ, ନରଣଗଡ଼ରୁ ବେଆଇନ ଭାବେ ବଉଳମାଳ ପଥର ଗଞ୍ଜାମ, ନୟାଗଡ଼, ଫୁଲବାଣୀ ଜିଲାକୁ ଚାଲାଣ ହେଉଛି। ତହସିଲ ପକ୍ଷରୁ ଚଢ଼ାଉ କରାଯାଉ ନ ଥିବାରୁ ଖଣି ମାଫିଆମାନେ ଲକ୍ଷାଧିକ ଟଙ୍କାର ବଉଳମାଳ ପଥର ମାଗଣାରେ ଲୁଟ୍ କରି ଲାଭବାନ ହେଉଛନ୍ତି।

ବଉଳମାଳ ମୁଣ୍ଡିଆ ନିଲାମ କରା ନ ଗଲେ ଯେପରି ଚୋରି ଓ ଲୁଟ୍ ବଢ଼ି ଚାଲିଛି ତାହା ବଢ଼ିବ। ସରକାର ରାଜସ୍ୱ ହରାଇ ଚାଲିବେ। ଯଦି ବେଆଇନ ଖଣି ଖନନ ଉପରେ ଲଗାମ ଲଗାଯାଇ ପାରନ୍ତା ତେବେ ନିଲାମ କରିବା ଦରକାର ପଡ଼ନ୍ତା ନାହିଁ। ଚୋରି ରୋକିବାକୁ ନିଲାମ ନିହାତି ଦରକାର ବୋଲି ଦାବି ହେଉଛି। ଏ ନେଇ ଖୋର୍ଦ୍ଧା ଉପଜିଲାପାଳଙ୍କ ଦାୟିତ୍ୱରେ ଥିବା ଖୋର୍ଦ୍ଧା ତହସିଲଦାର ଶୁଭେନ୍ଦ୍ର ସାମଲ କୁହନ୍ତି, ବଉଳମାଳ ପଥର ଥିବା ମୁଣ୍ଡିଆଗୁଡିକ ନିଲାମ ପାଇଁ ପ୍ରୋସେସିଂ ଚାଲିଛି। ଆସନ୍ତା ଡିସେମ୍ବରରେ ନିଲାମ ଦିଆଯିବାକୁ ପ୍ରସ୍ତାବ ରହିଛି। ତହସିଲ ପକ୍ଷରୁ ଆଗକୁ ଚଢାଉ ଜୋର୍‌ଦାର କରାଯିବ ବୋଲି ସେ କହିଛନ୍ତି।

### ହାତବାନ୍ଧି ବସିଛନ୍ତି ଶତାଧିକ ପଥରଶିଳ୍ପୀ

ଜିଲା ସଦର ମହକୁମା ଖୋର୍ଦ୍ଧା ସହରଠାରୁ ମାତ୍ର ୧୫ କି.ମି. ଦୂରରେ ରହିଛି ନରଣଗଡ଼ ଗ୍ରାମ। ନରଣଗଡ଼ ନିକଟସ୍ଥ ଭୋଗପୁର ମୁଣ୍ଡିଆ, କୁରୁମପଡ଼ା ଯୋଗମାୟା ପାହାଡ଼ ଓ ହାଡ଼ପଦା ଗୋହିଆ ମୁଣ୍ଡିଆରୁ ବଉଳମାଳ ପଥର ବାହାରିଥାଏ। ଉକ୍ତ ମୁଣ୍ଡିଆଗୁଡିକ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଧୀନରେ ରହିଛି। ବଉଳମାଳ ପଥରରୁ ଶିଳ୍ପୀମାନେ ବିଭିନ୍ନ କଳାକୃତି ନିର୍ମାଣ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ନରଣଗଡ଼ ସମେତ ଆଖପାଖ ହାଡପଦା, କୁଡୁମପଡ଼ା, ଜଗନ୍ନାଥପୁର ଶାସନ, ଭୋଗପୁର, ଧବଳପୁର, ବଳପୁର, ଭୋଇସାହି ଓ ଦିଅଙ୍କପାଟଣା ଆଦି ଗାଁର ଅଧିକାଂଶ ବାସିନ୍ଦା ପଥର ଖୋଦେଇ ମୂର୍ତ୍ତି କାର୍ଯ୍ୟ ଉପରେ ନିର୍ଭର କରି ଚଳନ୍ତି। ଗ୍ରାମଗୁଡିକରେ ୫ ଶହରୁ ଉର୍ଦ୍ଧ୍ୱ ପଥର କାରିଗର ରହିଛନ୍ତି। ତେବେ ନିଲାମ ହୋଇ ନ ଥିବାରୁ ପଥରକୁ ଉଚ୍ଚ ଦାମରେ କିଣି ଶିଳ୍ପୀମାନେ ମୂର୍ତ୍ତି ଓ ବିଭିନ୍ନ କଳାକୃତି ନିର୍ମାଣ କରିବା କାଠିକର ପାଠ ହେଉଛି। ଏଥିଯୋଗୁ ଶିଳ୍ପୀ କାମ କରି ନ ପାରି ଭୋକ ଉପବାସରେ ଦିନ କାଟୁଛନ୍ତି। ଅନ୍ୟପକ୍ଷରେ ଏହି ମୁଣ୍ଡିଆରୁ ପଥର ବିଶେଷକରି ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ, ତାରାତାରିଣୀ ଆଦି ମନ୍ଦିରରେ ବ୍ୟବହାର ପାଇଁ ଯାଇଥାଏ। ଏବେ ଯିବା ସୁବିଧା ହେଉନି। ସରକାରୀ ଭାବେ ପଥର ଉପଲବ୍ଧ ହେଉନାହିଁ। ମୁଣ୍ଡିଆରୁ ବଡ଼ ପଥର ଖଣ୍ଡ କାଟି ଚିକ୍କଣ ଓ ମସୃଣ କରି ମୂର୍ତ୍ତି ଏବଂ ମନ୍ଦିର ନିର୍ମାଣରେ ବ୍ୟବହାର ହୋଇଥାଏ। ଏହି ପଥରରେ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା ପଥରରେ ଡାଇନିଂ ସେଟ୍, ଚେୟାର, ବେଲଣାପଟା, ଚନ୍ଦନ ପେଡ଼ି, ସିଗାରେଟ ଝୁଲ ରଖିବା ପାତ୍ର, ଲ୍ୟାମ୍ପ, ଡିଷ୍ଟବିନ, ଫୁଲଦାନି, ଗାଧୁଆ ପଥର, କୁଣ୍ଡ ଓ କୁଣ୍ଡି ଆଦି ନିର୍ମାଣ କରାଯାଇଥାଏ।



ଭୁବନେଶ୍ୱର ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାରକୁ ବିଧାୟକ ଶଶିଭୂଷଣ ବେହେରା ଉଦ୍‌ଘାଟନ କରୁଛନ୍ତି।

## ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାର ଶୁଭାରମ୍ଭ

**ଭୁବନେଶ୍ୱର,୧୧।୧୦(ବ୍ୟୁରୋ)**

ଭୁବନେଶ୍ୱର ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାର ସ୍ଥାନୀୟ ଜନତା ମୈଦାନଠାରେ ଶୁକ୍ରବାରଠାରୁ ଶୁଭାରମ୍ଭ ହୋଇଛି। କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଆଇପିଏସ୍ ଅନୁପ ମୋହନ ପଟ୍ଟନାୟକ, ଓଡ଼ିଶା ଖଦି ବୋର୍ଡର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ଏହାକୁ ଉଦ୍ଘାଟନ କରିଥିଲେ। ୧୧ ଦିନ ଧରି ଏହି ବାଣିଜ୍ୟ ମେଳା ଚାଲିବ। ଏଠାରେ ୨୦ଟି ରାଜ୍ୟ ଏବଂ ୧୦ଟି ଦେଶର ବ୍ୟବସାୟୀ ସେମାନଙ୍କ ଷ୍ଟଲ ସ୍ଥାପନ କରିଛନ୍ତି। ଜାତୀୟ ତଥା ଅନ୍ତର୍ଜାତୀୟ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ବିଲ୍ଡିଂ ସାମଗ୍ରୀ, ଫର୍ନିଚର, ଇଣ୍ଟେରିୟର, ହୋମ ଡେକର, ଆଣ୍ଟିକ ପ୍ରଡକ୍ଟ, ପେଣ୍ଟିଂ କିଚେନ ଆପ୍ଲାଏନ୍ସ, କୁକେରୀ, ବୁଟିକ, ବିଉଟି ପ୍ରଡକ୍ଟ, ହେଲଥ ପ୍ରଡକ୍ଟ, ଫ୍ୟାସନେବଲ ଜୁଏଲେରି, ଥାଇଲାଣ୍ଡ ଫ୍ଲାୱାର, ଡ୍ରେସ, ରାଜସ୍ଥାନୀ ମାର୍ବଲ, ଆଫଗାନିସ୍ତାନ ଶୁଖା ଫଳ, ସାରା ଦେଶରୁ ବୟନ ଏବଂ ହସ୍ତତନ୍ତ ସାମଗ୍ରୀ, ପୁରୁଷ ଏବଂ ମହିଳାଙ୍କ ଲାଗି ପୋଷାକପତ୍ର ଉପଲବ୍ଧ ହେବ। ମେଳାରେ ଫୁଡ ଏବଂ ସେଲ୍ଫି ଜୋନ ସ୍ଥାପନ କରାଯାଇଛି। ପ୍ରଥମଥର ଲାଗି ଏଠାରେ ସ୍ମାର୍ଟ ଶ୍ରୀମତୀ ଏବଂ ଲିଟିଲ୍ କ୍ୱିନ ପ୍ରତିଯୋଗିତା ଆୟୋଜନ କରାଯିବ। ସେହିଭଳି ନାରେଡ୍‌କୋ ଓଡିଶା ପକ୍ଷରୁ ବିଲଡିଂ ଏକ୍ସପୋ ଏଠାରେ ଅନୁଷ୍ଠିତ ହେଉଛି। ବିଲଡିଂ ମାଟେରିଆଲ, ରିୟଲ ଇଷ୍ଟେଟ, ଫାଇନାନ୍ସ, କନଷ୍ଟ୍ରକଶନ, ନ୍ୟୁ ଟେକ୍ନୋଲୋଜି ଏବଂ ଆର୍କିଟେକଚର ଏଠାରେ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ନାରେଡ୍‌କୋ ଓଡିଶା ସଭାପତି ମନୋଜ ତ୍ରିପାଠୀ, ଟ୍ରେଡ ଫେୟାରର ଆୟୋଜକ ଗୁପ୍ତା ଇଭେଣ୍ଟ କମ୍ପାନୀର ଏମ୍‌ଡି ସୁଜିତ କୁମାର ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ମିଳିତ ଉଚ୍ଛେଦକାରୀ ଦଳକୁ ବସ୍ତିବାସିନ୍ଦାଙ୍କ ବିରୋଧ

**ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)**

ଥଇଥାନ ନ କରି ଉଚ୍ଛେଦ କରିବାକୁ ଯାଇଥିବା ମିଳିତ ଉଚ୍ଛେଦକାରୀ ଦଳକୁ ଶୁକ୍ରବାର ତୀବ୍ର ବିରୋଧ କରାଯାଇଛି। ବିନା ଥଇଥାନରେ ସ୍ଥାନ ଛାଡିବୁ ନାହିଁ, ଆପଣ ନୂଆ ଜାଗା ଦେଲେ ଆମେ ଏଠୁ ଉଠିବୁ ବୋଲି ଦାବି କରି ବସ୍ତିବାସିନ୍ଦା ଜିଦ୍‌ରେ ଅଟଳ ରହିଛନ୍ତି। ଖଣ୍ଡଗିରିସ୍ଥିତ ସୀତାରାମ ବସ୍ତି ଉଚ୍ଛେଦ ସମୟରେ ଉଚ୍ଛେଦକାରୀ ଦଳକୁ ବସ୍ତିବାସିନ୍ଦା ଏପରି ରୋକ୍‌ଠୋକ ବାଣୀ ଶୁଣାଇଛନ୍ତି। ପରେ ଖଣ୍ଡଗିରି ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏଥିସହ ୨ଦିନ ମଧରେ ବସ୍ତି ଛାଡ଼ିବାକୁ ବସ୍ତିବାସିନ୍ଦା ରାଜି ହୋଇଛନ୍ତି।

ସୂଚନାଯୋଗ୍ୟ, ଉଚ୍ଛେଦ ଅଧିକାରୀ ପ୍ରମୋଦ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସୀତାରାମ ବସ୍ତିକୁ ଉଚ୍ଛେଦ କରିବାକୁ ଯାଇଥିଲେ। ଉଚ୍ଛେଦ ଅଧିକାରୀ ପାତ୍ର କହିଛନ୍ତି, ଗତ ବୈଠକରେ ଏହି ବସ୍ତି ଉଚ୍ଛେଦକରିବାକୁବିଜ୍ଞପ୍ତିପ୍ରକାଶପାଇଥିଲା। ତେଣୁ ଉଚ୍ଛେଦକାରୀ ଟିମ୍ ଏଠାକୁ ଆସିଥିଲା। ଏଠାରେ ଏପରି ବିରୋଧ କରାଯିବାରୁ ଟିମ୍ ସ୍ଥାନୀୟ ପୋଲିସର ସହଯୋଗ ଲୋଡ଼ିଥିଲା। ସେମାନଙ୍କୁ ବୁଝାଶୁଝା କରାଯାଇ ୨ଦିନ ମଧରେ ବସ୍ତି ଛାଡ଼ିବାକୁ କୁହାଯାଇଛି। ସେମାନେ ଘର ଛାଡ଼ିବା ପରେ ଉଚ୍ଛେଦ କରାଯିବ।

### ଡିସେମ୍ବରରେ 'ଆଦିରାଣୀ ୨୦୧୯-୨୦'

## ର୍‍ୟାମ୍ପ୍‌ରେ ପ୍ରତିଭା ଦେଖାଇବେ ଜନଜାତି ମହିଳା

**ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)**

ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ବିଉଟି ପାଜେଣ୍ଟ ଭଳି ଆଦି ଗ୍ଲୋବାଲ ଟ୍ରାଇବାଲ୍ ଫାଉଣ୍ଡେଶନ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହେଉଥିବା ଆଦିରାଣୀ ପ୍ରତିଯୋଗିତାର ୨ୟ ସଂସ୍କରଣ 'ଆଦିରାଣୀ ୨୦୧୯-୨୦' ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବ। ଓଡ଼ିଶା ସହ ଦେଶର ବିଭିନ୍ନ ପ୍ରାନ୍ତରୁ ଜନଜାତି ଅଧ୍ୟୁଷିତ ଅଞ୍ଚଳର ଆଦିବାସୀ ମହିଳାମାନେ ଏହି ପ୍ରତିଯୋଗିତାରେ ଯୋଗଦେବେ। ଜନଜାତି ସଂସ୍କୃତି, ଭାଷା, ପରମ୍ପରା, ପୋଷାକ ଓ ଚାଲିଚଳନ ଆଦିକୁ ସେମାନେ ଜାତୀୟ ମଞ୍ଚରେ ଉପସ୍ଥାପନ କରିବେ। ସୌନ୍ଦର୍ଯ୍ୟ, ବୁଦ୍ଧିମତ୍ତା ସହ ଜନଜାତି କଳା, ସଂସ୍କୃତି ସମ୍ପର୍କରେ ସେମାନଙ୍କର ଥିବା ଜ୍ଞାନକୁ ଆଧାରକରି ଚଳିତ ବର୍ଷ ପାଇଁ ଆଦିରାଣୀ ଚୟନ କରାଯିବ। ଆଦିବାସୀ ଜନଜାତି ସହ ସମ୍ପୃକ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଗଠିତ ଜୁରୀ କମିଟି ବିଭିନ୍ନ ସୋପାନରେ ଆଦିରାଣୀ ୨୦୧୯-୨୦ ଚୟନ କରିବେ। ପ୍ରଥମେ ବିଭିନ୍ନ ଆଦିବାସୀ ଜିଲାମାନଙ୍କରେ ପ୍ରତିଯୋଗିତା କରାଯାଇ ସେମିଫାଇନାଲ ପାଇଁ କୃତୀ ପ୍ରତିଯୋଗୀ ଚୟନ କରାଯିବ। ସେଥିମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ବିଜେତା ଘୋଷଣା କରାଯିବା ସହ ସମ୍ମାନିତ କରାଯିବ। ଚଳିତବର୍ଷ ଏହି ପ୍ରତିଯୋଗିତାରେ ଓଡ଼ିଶା ସହ ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ଆସାମ, ନାଗାଲାଣ୍ଡ, ମଣିପୁର, ହିମାଚଳ ପ୍ରଦେଶ ଓ କଶ୍ମୀର ଆଦି ରାଜ୍ୟରୁ ବହୁ ପ୍ରତିଯୋଗୀ ଭାଗ ନେବେ ବୋଲି ଆୟୋଜକଙ୍କ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଚଳିତ ମାସଠାରୁ ଓଡ଼ିଶାର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଜିଲାରୁ ଚୟନ ପ୍ରକ୍ରିୟା ଆରମ୍ଭ ହୋଇ ନଭେମ୍ବର ମାସ ପର୍ଯ୍ୟନ୍ତ ଚାଲିବ। ଏହାପରେ ସେମିଫାଇନାଲ୍ ଏବଂ ଫାଇନାଲ୍ ରାଉଣ୍ଡ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ସଭାପତି ସଞ୍ଜୟ ଦାସ, ସାଧାରଣ ସମ୍ପାଦିକା ଚିଦାତ୍ମିକା ଖଟୁଆ ସୂଚନା ଦେଇଛନ୍ତି।



### ୧୫ତମ ସଙ୍ଗମ ଉତ୍ସବ

## 'ମାୟାମୋହନମ୍'ରେ ବିଷ୍ଣୁଙ୍କ ଅବତାର

**ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)**

ଆର୍ଟ ଭିଜନ ପକ୍ଷରୁ ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ୧୫ତମ ସଙ୍ଗମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାରମ୍ଭରେ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ରାଗ ବେଳାବୋଲି ଓ ତାଳ ଏକତାଳି ଉପରେ ଆଧାରିତ ପଲ୍ଲବୀ ନୃତ୍ୟ ପରିବେଷିତ ହୋଇଥିଲା। ଇଲିଆନା ଚିତାରିସ୍ତି ଏହାର ନୃତ୍ୟ ନିର୍ଦ୍ଦେଶନା ଦେଇଥିବାବେଳେ ସଙ୍ଗୀତରେ ଲକ୍ଷ୍ମୀକାନ୍ତ ପାଲିତ, ତାଳରେ ସଚ୍ଚିଦାନନ୍ଦ ଦାସ ସହଯୋଗ କରିଥିଲେ। ପରେ ପରେ ସମବେତ ଓଡ଼ିଶୀରେ ଆର୍ଟ ଭିଜନର ପ୍ରସ୍ତୁତିରେ ମହାକବି କାଳିଦାସଙ୍କ ରଚିତ 'ମେଘଦୂତମ୍' ମଞ୍ଚସ୍ଥ ହୋଇଥିଲା। ଇଲିଆନା ଚିତାରିସ୍ତିଙ୍କ ନୃତ୍ୟ ନିର୍ଦ୍ଦେଶନା, ଲକ୍ଷ୍ମୀକାନ୍ତ ପାଲିତଙ୍କ ସଙ୍ଗୀତ ଏବଂ ସଚ୍ଚିଦାନନ୍ଦ ଦାସଙ୍କ ତାଳ ସଂଯୋଜନା ସହ ବନ୍ଦିଶ୍ ପାଲିତ୍ କଣ୍ଠ ସଂଯୋଜନା ଏଥିରେ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଭଦୋଦରାର ନୃତ୍ୟୋଦୟ ସ୍କୁଲ ଅଫ୍ କ୍ଲାସିକାଲ୍ ଡ୍ୟାନ୍ସ ପକ୍ଷରୁ କଳାଶ୍ରୀ ଐଶ୍ୱରୀୟା ୱାରିୟରଙ୍କ ନିର୍ଦ୍ଦେଶନାରେ ଶ୍ରୀଗଣେଶଙ୍କ ଉପରେ ଆଧାରିତ 'ଗଣପତି' ପରିବେଷିତ ହୋଇଥିଲା। ରାଗ ବୃନ୍ଦାବନୀ ସାରଙ୍ଗ, ଆରଭି ଓ ତାଳ ଛେମ୍ପତା ଉପରେ ଏହି ନୃତ୍ୟ ଆଧାରିତ ଥିଲା। ପରେ ପରେ ରାଗ ମୋହନା ଉପରେ ପର୍ଯ୍ୟବେସିତ ବିଷ୍ଣୁଙ୍କ ବିଭିନ୍ନ ରୂପ ଉପରେ ଆଧାରିତ 'ମାୟାମୋହନମ୍' ପରିବେଷିତ ହୋଇଥିଲା। ସନ୍ଧ୍ୟାରେ ଅତିଥିଭାବେ ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ଜିଲ୍ ଓ ଇଲିଆନା ଚିତାରିସ୍ତି ଯୋଗ ଦେଇଥିବାବେଳେ ଡ. ସଙ୍ଗୀତା ଗୋସାଇଁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



ଭାଗ୍ୟଶ୍ରୀ



ମଧୁସ୍ମିତା



ସୌରଭ



ଅବିନାଶ



ଜୟନ୍ତ



ପ୍ରିୟଦର୍ଶିନୀ



ମୃଣ୍ମୟ



ପୃଥ୍ୱୀ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ www.dharitri.com/category/selfie/



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେହି ସଂକ୍ଷେପରେ କଥାଟିଏ କହିଦେଇ ପାରେ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ୩ ଝୁଲନ୍ତା ମୃତଦେହ ଉଦ୍ଧାର

**ପୁରୀ ଅଫିସ/କଟକ ରୋଡ/ନିମାପଡ଼ା, ୧୧।୧୦ (ଡି.ଏନ୍.ଏ.):** ଚନ୍ଦନପୁର ଥାନା ଅଧୀନ ବାସୁଦେବପୁର ମୋହନା ସାହିରୁ ପୋଲିସ ଜଣେ ବିବାହିତ ମହିଳାଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ଉଦ୍ଧାର କରିଛି। ଅନ୍ୟପଟେ ଅଧିକ ଯୌତୁକ ଦାବି କରି ଝିଅକୁ ମାରି ଦିଆଯାଇଛି ବୋଲି ବାପଘରଲୋକେ ଥାନାରେ ଏତଲା ଦେଇଛନ୍ତି। ମୃତା ହେଲେ ରିଙ୍କି ପ୍ରଧାନ। ତାଙ୍କର ୨ବର୍ଷର ପୁଅଟିଏ ଅଛି। ଗତ ୨୦୧୭ରେ ସେ ଲୋକନାଥଙ୍କୁ ବିବାହ କରିଥିଲେ। ଲୋକନାଥ ଚନ୍ଦନପୁର ବଜାରରେ ଚାହା ଦୋକାନ କରିଛନ୍ତି।

ଲକ୍ଷ୍ମୀସାଗର ପୋଲିସ ଶୁକ୍ରବାର ଜଣେ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି। ସେ ହେଲେ ଏହି ଥାନା ଅଧୀନ ବୁଦ୍ଧନଗର ରେଡିସାହି ବସ୍ତିରେ ରହୁଥିବା ୱାଇ ରୋଜା ରେଡି(୨୨)। ପୋଲିସ ସୂଚନା ଅନୁଯାୟୀ, ଗତ ଦେଢ ବର୍ଷ ହେବ ରୋଜା ବିବାହ କରିଥିବା ବେଳେ ତାଙ୍କ ସ୍ୱାମୀ ବିଦେଶରେ ଚାକିରି କରିଛନ୍ତି। ରୋଜା ପରିବାର ସହ ରହୁଥିବା ବେଳେ ସେ ଗୁରୁବାର ରାତିରେ ଘର ଭିତର ପଟୁ କବାଟ ଦେଇ ଆତ୍ମହତ୍ୟା କରିଥିବା ଶୁକ୍ରବାର ଥାନାକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୫/୧୯)ରୁଜୁ ହୋଇଛି।

ସେହିପରି ନିମାପଡ଼ା ପୋଲିସ ଶୁକ୍ରବାର ନାଗବସ୍ତ ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି। ସେ ହେଲେ ଏହି ଗ୍ରାମର ଶିବାନନ୍ଦ ସ୍ୱାଇଁ(୧୯)। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଘର ପଛପଟ ଏକ ଗଛରେ ଶିବାନନ୍ଦଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକେ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଥିଲା। ଶିବାନନ୍ଦ ମାନସିକ ବିକାରଗ୍ରସ୍ତ ଥିବାରୁ କୌଣସି କାରଣକୁ ନେଇ ଗୁରୁବାର ରାତିରେ ଆତ୍ମହତ୍ୟା କରିଥିବା ତାଙ୍କ ବାପା ଅଶୋକ ସ୍ୱାଇଁ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା(ନଂ.୧୯/୧୯)ରୁଜୁ କରି ତଦନ୍ତ ଚଳାଇଛି।

### ସାପ କାମୁଡ଼ାରେ ଚାଷୀ ମୃତ

**ବାରଙ୍ଗ/ନରାଜ, ୧୧।୧୦(ଡି.ଏନ୍.ଏ.):** ସାପ କାମୁଡ଼ାରେ ଶୁକ୍ରବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନନ୍ଦନକାନନ ଥାନା ଅର୍ନ୍ତଗତ ଖଇରାପଡା ଗ୍ରାମର କୃଷ୍ଣଚନ୍ଦ୍ର ବେହେରା। ଖବର ଅନୁଯାୟୀ, ପୂର୍ବାହ୍ନରେ କୃଷ୍ଣ ନିଜ ଘର ନିକଟ ଗହିର ବିଲକୁ ଚାଷ କରିବାକୁ ଯାଇଥିଲେ। କିନ୍ତୁ ଦ୍ୱିପ୍ରହରରେ ଘରକୁ ଖାଇବାକୁ ଫେରି ନ ଥିଲେ। ଘରଲୋକ ଖୋଜାଖୋଜି କରୁଥିବାବେଳେ ବିଲରେ ଥିବା ଅନ୍ୟ ଚାଷୀମାନେ କୃଷ୍ଣ ତଳେପଡିଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ତାଙ୍କ ପାଟିରୁ ଫେଣ ବାହାରୁଥିବାରୁ କୌଣସି ଏକ ବିଷଧର ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଜାଣିଥିଲେ। ଖବରପାଇ ପୋଲିସ ପହଞ୍ଚିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଧନେଶ୍ୱରଙ୍କ ପାନଦୋକାନରେ ଅମିତାଭଙ୍କ ଜନ୍ମଦିନ ପାଳନ
### କେକ୍ କାଟିଲେ, ଲଡୁ ବାଣ୍ଟିଲେ

**କଟକ ଅଫିସ, ୧୧।୧୦:** ବାଦାମବାଡି ଅଞ୍ଚଳର ପାନଦୋକାନୀ ଧନେଶ୍ୱର ସେଠୀ ଦୀର୍ଘ ୨୧ ବର୍ଷ ହେବ ଅଭିନେତା ତଥା ବିଗ୍ ବି ଅମିତାଭ ବଚ୍ଚନଙ୍କ ଜନ୍ମଦିନ ପାଳନ କରିଆସୁଛନ୍ତି। ଏହି ଅବସରରେ ଶୁକ୍ରବାର ସେ ନିଜ ଦୋକାନକୁ ଅମିତାଭଙ୍କ ଚଳଚ୍ଚିତ୍ର ପୋଷ୍ଟରରେ ସଜାଇଥିଲେ। ଏଥିସହ ପରିବାରବର୍ଗ, ସାଙ୍ଗସାଥୀଙ୍କ ଗହଣରେ କେକ୍ କାଟି ଅମିତାଭଙ୍କ ଜନ୍ମଦିନ ପାଳନ କରିଥିଲେ। ସେହିପରି କିନ୍ନରମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ଓ ଲୋକମାନଙ୍କୁ ଲଡୁ ବାଣ୍ଟିଥିଲେ। ଏ ନେଇ ଧନେଶ୍ୱର କୁହନ୍ତି, ୧୮ବର୍ଷରୁ ମୁଁ ଅମିତାଭଙ୍କ ଫିଲ୍ମ ଦେଖିଆସୁଛି। ବିଗ୍‌ବିଙ୍କ ସମସ୍ତ ଚଳଚ୍ଚିତ୍ର ପ୍ରଥମଦିନର ପ୍ରଥମ ଶୋ ଦେଖିଛି। ପାନଦୋକାନରୁ ହୋଇଥିବା ରୋଜଗାରରେ ପରିବାର ପ୍ରତିପୋଷଣ କରିବା ସହ ଅମିତାଭଙ୍କ ଜନ୍ମଦିନ ପାଳନ ପାଇଁ ଅର୍ଥ ସଞ୍ଚୟ କରିଥାଏ ବୋଲି କହିଛନ୍ତି ଧନେଶ୍ୱର।

## ଚାହିଦା ମେଣ୍ଟାଇପାରୁନି ଚିଲିକା ମାଛ
# ଜୀବିକା ହରାଉଛନ୍ତି ମତ୍ସ୍ୟଜୀବୀ

ଭିକାରୀ ପ୍ରଧାନ
ଚିଲିକା, ୧୧।୧୦(ଡି.ଏନ.ଏ.)



**ଦାଦନ ଶ୍ରମିକ ଭାବେ ହେଉଛନ୍ତି ବାହାର ରାଜ୍ୟ ମୁହାଁ**

ଚିଲିକା ଉପରେ ପେଟପାଟଣା ପାଇଁ ନିର୍ଭରଶୀଳ ୨ ଲକ୍ଷ ମତ୍ସ୍ୟଜୀବୀ ଏବେ ଚିନ୍ତାରେ ପଡିଛନ୍ତି। ଚିଲିକାକୁ ଭାତହାଣ୍ଡି ମନେକରି କୌଳିକ ବୃତ୍ତି ଭାବେ ମାଛ ଧରି ମତ୍ସ୍ୟଜୀବୀ ପରିବାର ପ୍ରତିପୋଷଣ କରି ଆସୁଥିଲେ। ଏବେ ଚିଲିକା ମାଛ ଚାହିଦା ମେଣ୍ଟାଇ ପାରୁ ନ ଥିବାରୁ ସେମାନେ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟମୁହାଁ ହେଲେଣି। କେତେଜଣ ମତ୍ସ୍ୟଜୀବୀ ପ୍ରତ୍ୟହ ଟ୍ରେନ୍ ଯୋଗେ ଭୁବନେଶ୍ୱର, କଟକ ଦିନମଜୁରିଆ କାମ କରିବାକୁ ଯାଉଛନ୍ତି। ଅନ୍ୟପକ୍ଷେ ଯାହା କିଛି ମାଛ ଧରା ହେଉଛି, ତାହା ସ୍ଥାନୀୟ ଚାହିଦା ମେଣ୍ଟାଇ ପାରୁନାହିଁ। ଫଳରେ ଗାଁକୁ ଗାଁ ବୁଲି ଖୁଚୁରା ମାଛ ବିକୁଥିବା କୈବର୍ତ୍ତ ମହିଳାମାନେ ଶ୍ରମିକ ଭାବେ କାମ କରିବାକୁ ବାଧ ହେଉଛନ୍ତି ବୋଲି ମତ୍ସ୍ୟଜୀବୀ ସଂଘ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଚିଲିକା ଏକଦା ୩୨୦ ପ୍ରକାର ମାଛ, ୨୮ ପ୍ରଜାତିର ଚିଙ୍ଗୁଡ଼ି ଓ ୩୫ ପ୍ରକାର କଙ୍କଡ଼ାର ଚାରଣଭୂମି ଥିଲା। ମାତ୍ର ୧୯୮୦ ମସିହାଠାରୁ ପରିବେଶ ଅବକ୍ଷୟ ଆଦି କାରଣରୁ ଏହା ଦ୍ରୁତଗତିରେ ହ୍ରାସ ପାଉଛି। ୨୦୦୦ରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିଲିକାର ନୂଆ ମୁହାଣ ଖନନ ପରେ ଆଶାନୁରୂପ ଭାବେ ଏହି ସାମୁଦ୍ରିକ ମାଛ ସଂଖ୍ୟା ବୃଦ୍ଧି ପାଇଥିବା ରାଜ୍ୟ ସରକାର ଦାବି କରିଥିଲେ। ସର୍ବେକ୍ଷଣ ମୁତାବକ ୧୯୯୫-୯୬ ଆର୍ଥିକ ବର୍ଷରେ ଚିଲିକାର ୨୫ଟି ମତ୍ସ୍ୟ ଅବତରଣ କେନ୍ଦ୍ରରୁ ୧୨୭୪ ମେଟ୍ରିକ୍ ଟନ୍ ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ସଂଗୃହୀତ ହୋଇଥିବା ବେଳେ ୧୯୯୯-୨୦୦୦ ଆର୍ଥିକ ବର୍ଷରେ ତାହା ୧୭୪୫ ମେଟ୍ରିକ୍ ଟନ୍ ହୋଇଥିଲା। ମାତ୍ର ମୁହାଣ ଖନନ ପରେ ୨୦୦୧-୨୦୦୨ ବର୍ଷ ବେଳକୁ ତାହା ୭ ଗୁଣା ବୃଦ୍ଧି ପାଇ ୧୧,୯୮୯ ଟନ୍‌ରେ ପହଞ୍ଚିଥିଲା। ସର୍ବେକ୍ଷଣ ମୁତାବକ ପ୍ରତି ମତ୍ସ୍ୟଜୀବୀ ପରିବାର ବାର୍ଷିକ ୩୫ ହଜାର ଟଙ୍କାର ମାଛ ଧରି ରୋଜଗାର କରିପାରୁଥିଲେ। ମାସିକ ହାରାହାରି ୩ ହଜାର ଟଙ୍କାରେ ସେ ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ୧୯ ବର୍ଷ ମଧ୍ୟରେ ଚିଲିକାର ଜୈବିକ ଅବକ୍ଷୟ ଆରମ୍ଭ ହୋଇଥିବାରୁ ମତ୍ସ୍ୟଜୀବୀମାନେ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି।

**ଏମାନେ ଯାହା କୁହନ୍ତି...**

**ଡଙ୍ଗାରୁ ନିର୍ଗତ ତୈଳ ମାଛ କମିବାର ପ୍ରମୁଖ କାରଣ**

ଚିଲିକାରେ ହଜାର ହଜାର ସଂଖ୍ୟାରେ ଯନ୍ତ୍ରଚାଳିତ ଡଙ୍ଗାରୁ ନିର୍ଗତ ତୈଳ ମାଛ କମିବାର ପ୍ରମୁଖ କାରଣ। ଏତଦ୍‌ବ୍ୟତୀତ ବିଭିନ୍ନ ନଦୀ ଓ କେନାଲ ଦେଇ କୃଷିକ୍ଷେତ୍ରରୁ ଜଳବାହିତ ରାସାୟନିକ ସାର ଚିଲିକା ଜଳରେ ମିଶିବା, ପଟୁମାଟି ଦ୍ୱାରା ପୋତି ହୋଇ ତା'ର ଆୟତନ ସଙ୍କୁଚିତ ହୋଇଯିବା, ମାଛଙ୍କ ଚାରଣଭୂମି ଚିଙ୍ଗୁଡି ଘେରି ଦ୍ୱାରା ଅବରୋଧ ହେବା, ଚିଲିକା ପାଣିର ଲବଣତ୍ୱ ଦ୍ରୁତ ହ୍ରାସ ପାଇବା, ମତ୍ସ୍ୟଜୀବୀଙ୍କ ଆଲିମ୍ ଜାଲ ବ୍ୟବହାର, ତ୍ରୁଟିଯୁକ୍ତ ମାଛଧରା ନିୟନ୍ତ୍ରଣ ଆଇନ୍ ଏଯାବତ୍ କାର୍ଯ୍ୟକାରୀ ହୋଇ ନ ପାରିବା ଆଦି ବହୁବିଧ କାରଣ ଏଥିପାଇଁ ଦାୟୀ।

– ଜୟକୃଷ୍ଣ ବେହେରା, ପ୍ରାକ୍ତନ ସଭାପତି, ଚିଲିକା ମତ୍ସ୍ୟଜୀବୀ ମହାସଂଘ

**ରାଜଦଳ ପାଇଁ ମାଛ ସଂଖ୍ୟା ହ୍ରାସ ପାଉଛି**

ଚିଲିକାରେ ବଢୁଥିବା ରାଜଦଳ ମାଛ ସଂଖ୍ୟା କମିବା ପାଇଁ ଦାୟୀ। ଚିଲିକାରେ ପଡୁଥିବା ଲୁଣା, ଦୟା, ଭାର୍ଗବୀ ନଦୀର ମଧୁରଜଳ ଏହି ଦଳ ବଢିବାର ପ୍ରମୁଖ କାରଣ। ଚଳିତବର୍ଷ ଅଧିକ ଲଗାଣ ବର୍ଷା ଫଳରେ ଚିଲିକାର ଜଳପତ୍ତନ ବୃଦ୍ଧି ପାଇବା ମଧ୍ୟ ଚିଲିକା ମତ୍ସ୍ୟଜୀବୀଙ୍କୁ ଆଶାନୁରୂପ ମାଛଧରାରୁ ବଞ୍ଚିତ କରିଛି।

– ରବୀନ୍ଦ୍ର ବେହେରା, ସମ୍ପାଦକ, ଚିଲିକା ମତ୍ସ୍ୟଜୀବୀ ମହାସଂଘ

## ସ୍ପା ଆଗରେ ସ୍ୱାମୀଙ୍କୁ ପିଟିଲେ ସ୍ତ୍ରୀ

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)

- ଦେହ ବ୍ୟବସାୟ ଚାଲୁଥିବା ଅଭିଯୋଗ
- କେୟାର ଟେକରଙ୍କୁ ପୋଲିସର ପଚରାଉଚରା



ପ୍ରତିଦିନ ସ୍ୱାମୀ ଲୁଚିକରି ସ୍ପାକୁ ମସାଜ ପାଇଁ ଯାଆନ୍ତି। ହେଲେ ଘରେ କେହି ଜାଣିପାରନ୍ତି ନାହିଁ। ଶେଷରେ ଶୁକ୍ରବାର ସ୍ତ୍ରୀଙ୍କ ହାତରେ ଧରା ପଡ଼ିଗଲେ ସ୍ୱାମୀ। ଏହାପରେ ସ୍ତ୍ରୀ ସ୍ପା ସେଣ୍ଟର ଆଗରେ ସ୍ୱାମୀଙ୍କୁ ନିସ୍ତୁକ ପିଟିବା ସହ ହୋହଲ୍ଲା କରିଥିଲେ। ସେଠାରେ ସ୍ପା ନାଁରେ ସେକ୍ସ ର୍‍ୟାକେଟ ଚାଲୁଥିବା ଅଭିଯୋଗ ଆଣି ପାଟିତୁଣ୍ଡ କରିଥିଲେ। ଖାରବେଳନଗର ଥାନା ଅଧୀନ ଶାସ୍ତ୍ରୀନଗର ଅଞ୍ଚଳରେ ଥିବା ଉକ୍ତ ସ୍ପା ସେଣ୍ଟର ଆଗରେ ଏଭଳି ଘଟଣା ଦେଖିବାକୁ ମିଳିଛି। ସେଠାରେ ଦେହ ବ୍ୟବସାୟ ଚାଲୁଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସ୍ପା ସେଣ୍ଟରକୁ ଘେରାଉ କରିଥିଲେ। ଖବର ପାଇ ପୋଲିସ ପହଞ୍ଚିବାରୁ ସ୍ପା ସେଣ୍ଟରରେ ଥିବା ଯୁବତୀ ଓ ଗ୍ରାହକମାନେ ଫେରାର ହୋଇଯାଇଥିଲେ। ପୋଲିସ ଉକ୍ତ ଘର ଯାଞ୍ଚ କରିଥିଲେ ମଧ୍ୟ କୌଣସି ଆପତ୍ତିଜନକ ସାମଗ୍ରୀ ମିଳି ନ ଥିଲା। ତେବେ ଉକ୍ତ ସ୍ପା ସେଣ୍ଟରର କେୟାର ଟେକରଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଶାସ୍ତ୍ରୀନଗରରେ ଥିବା ଏକ ୩ତାଲା କୋଠାର ଉପର ମହଲାକୁ ଜଣେ ମହିଳା ଭଡ଼ା ନେଇ ସ୍ପା ସେଣ୍ଟର ଖୋଲିଥିଲେ। ଘର ମାଲିକଙ୍କୁ ସେ ମାସକୁ ୧୭ ହଜାର ଟଙ୍କା ଭଡ଼ା ଦେଉଥିଲେ। ପ୍ରତିଦିନ ଉକ୍ତ ସ୍ପା ଆଗରେ ଦାମୀ ଗାଡ଼ି ଲାଗୁଥିଲା। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟାରେ ଜଣେ ବ୍ୟକ୍ତି ଉକ୍ତ ସ୍ପାକୁ ଯାଇଥିଲେ। ଦୀର୍ଘ ଏକ ଘଣ୍ଟା ପରେ ସେଠାରୁ ବାହାରିଥିଲେ। ଏହି ସମୟରେ ସ୍ପା ଆଗରେ ସ୍ତ୍ରୀଙ୍କୁ ଛିଡ଼ା ହୋଇଥିବା ଦେଖି ହଡ଼ବଡ଼େଇ ଯାଇଥିଲେ। ତେବେ ସ୍ତ୍ରୀ ତାଙ୍କୁ ଛାଡ଼ି ନ ଥିଲେ। ଏଠାକୁ କାହିଁକି ଆସୁଥିଲ କହି ପିଟିଥିଲେ। ସେଠାରେ ଲୋକେ ରୁଣ୍ଡ ହୋଇଯିବାରୁ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା।



‘ରଙ୍ଗବତୀ’ରେ ‘ଡାଲ୍‌ଖାଇ’

## ‘ରଙ୍ଗବତୀ’ରେ ‘ଡାଲ୍‌ଖାଇ’

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶୀ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଶୁକ୍ରବାର ଭଞ୍ଜକଳାମଣ୍ଡପରେ ପଶ୍ଚିମ ଓଡ଼ିଶା ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ‘ରଙ୍ଗବତୀ’ ଉଦ୍‌ଘାଟିତ ହୋଇଯାଇଛି। ୨ଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ବଲାଙ୍ଗୀରର ଦୁଃଖୀଶ୍ୟାମ ତ୍ରିପାଠୀ ଓ ସାଥୀଙ୍କ ଦ୍ୱାରା ସମ୍ବଲପୁରୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହାପରେ ସମ୍ବଲପୁରର ଅଭୟ ଆର୍ଟ ଏକାଡେମୀ ଦ୍ୱାରା ମଞ୍ଚସ୍ଥ ସମ୍ବଲପୁରୀ ନୃତ୍ୟ ‘ଡାଲ୍‌ଖାଇ’ କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ସାଜିଥିଲା। ଶେଷରେ ଭବାନୀପାଟଣାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପଶ୍ଚିମ ଓଡ଼ିଶାର ପାରମ୍ପରିକ ‘ବଜାସାଲ’ ବାଦ୍ୟ ପରିବେଷିତ ହୋଇଥିଲା। ସନ୍ଧ୍ୟାରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ବିଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ।

## କମେଣ୍ଟମରାକୁ ନେଇ ମାରପିଟ: ୮ ଗିରଫ

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

ଖଣ୍ଡଗିରି ଥାନା ଅଞ୍ଚଳରେ ଦୁର୍ଗାମେଢ ଭସାଣି ବେଳେ କମେଣ୍ଟମରାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଛି। ଉଭୟ ପକ୍ଷର ଅଭିଯୋଗ କ୍ରମେ ୮ଜଣଙ୍କୁ ପୋଲିସ ଗିରଫ କରିଛି। ସୂଚନା ମୁତାବକ, ଗୁରୁବାର ୟୁନିଟ ୮ ଡେଲଟା କଲୋନୀ ନିକଟରେ ଭସାଣି ଚାଲିଥିଲା। ଏହି ସମୟରେ ଏକ ୱେଲ୍ଡିଂ ଦୋକାନରେ କେତେଜଣ ଯୁବକ ଭୋଜି କରୁଥିଲେ। ରାସ୍ତାରେ ଯାଉଥିବା କେତେଜଣ ଯୁବକଙ୍କୁ ସେମାନେ କମେଣ୍ଟ ମାରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ପରସ୍ପରକୁ ଆକ୍ରମଣ କରିଥିଲେ। ଏ ନେଇ ଉଭୟ ପକ୍ଷରୁ ଦୁଇଟି ମାମଲା (ନଂ. ୫୫୮,୫୫୯/୧୯) ରୁଜୁ ହୋଇଛି। ଉଭୟ ପକ୍ଷର ରାଜୁ ରେଡ୍ଡୀ, ପ୍ରଶାନ୍ତ ବେହେରା, ଗୋବର୍ଦ୍ଧନ ସାହୁ, ଦୁଷ୍ମନ୍ତ ସାହୁ, କାହ୍ନା ଡାକୁଆ ସ୍ମୃତିରଞ୍ଜନ ସେନାପତି, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ସଞ୍ଜୟ କୁମାର ବେହେରାଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରିଛି।

## ୩୬ ଗ୍ରାମ ବ୍ରାଉନସୁଗାର, ୯୩ ହଜାର ଟଙ୍କା ଜବତ

**୩ ଅଭିଯୁକ୍ତ ଜେଲ ଗଲେ**



ଅପିନ ଦାସ | ବସନ୍ତ ଜେନା | ଜ୍ଞାନ ରଞ୍ଜନ ଖୁଣ୍ଟିଆ

ଖୋର୍ଦ୍ଧା ଅଫିସ, ୧୧।୧୦

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଓ ଅବକାରୀ ବିଭାଗର କର୍ମଚାରୀମାନେ ଶୁକ୍ରବାର ଖୋର୍ଦ୍ଧା ସହରର ପୃଥକ୍ ପୃଥକ୍ ସ୍ଥାନରେ ଚଢାଉ କରି ୩୬.୦୭ ଗ୍ରାମ ବ୍ରାଉନସୁଗାର ଜବତ କରିଛନ୍ତି। ଯାହାର ଦାମ ପ୍ରାୟ ୩ ଲକ୍ଷ ୬୭ ହଜାର ଟଙ୍କା ହେବ। ପୋଲିସ ୨ ଜଣଙ୍କୁ ଓ ଅବକାରୀ ବିଭାଗ ଜଣକୁ ଏପରି ୩ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଖୋର୍ଦ୍ଧା ଆଦର୍ଶ ଥାନା ଆଇଆଇସିଙ୍କ ସୂଚନା ଅନୁସାରେ, ଖୋର୍ଦ୍ଧା ସହରର ଶାଗୁଆନ ବଗିଚା ଉପରେ ଚଢ଼ାଉ କରାଯାଇ ଅନୁଗୋଳ ଜିଲା ଘଣ୍ଟପଡା ଥାନା କୋଲିଆରି ଗାଁର ଅପିନ ଦାସ(୨୭) ଓ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ବାରଙ୍ଗ ଗାଁର ବସନ୍ତ ଜେନା(୨୬)ଙ୍କୁ ଗିରଫ କରାଯାଇଛି। ଏହି ଦୁହିଁଙ୍କଠାରୁ ୨୦.୦୭ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଯାହାର ଦାମ ୨ ଲକ୍ଷ ୭ ହଜାର ଟଙ୍କା ହେବ। ଏମାନଙ୍କଠାରୁ କାର ନଂ. ଓଡି୧୯ ପି ୨୨୩୩ ଓ ଏକ ଦାମୀ ମୋବାଇଲ ଜବତ ହୋଇଛି। ଅପିନ ଓ ବସନ୍ତଙ୍କ ସୂଚନାକ୍ରମେ ପୋଲିସ ସୋମନାଥ ଭୁଜବଳ ଓରଫ ପାକୁଙ୍କ ଘର ଉପରେ ପୋଲିସ ଚଢ଼ାଉ କରି ବ୍ରାଉନସୁଗାର ସହ ବିକ୍ରି ବାବଦ ଟଙ୍କା ୯୩, ୮୭୦ ଜବତ କରିଛି। ହେଲେ ପାକୁ ଘରେ ନ ଥିବାରୁ ତାଙ୍କୁ ଗିରଫ କରାଯାଇ ପାରିନାହିଁ। ଅନ୍ୟପକ୍ଷେ ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ନୂଆ ବସ୍‌ଷ୍ଟାଣ୍ଡ ଉପରେ ଚଢ଼ାଉ କରାଯାଇ କଟକ ଜିଲା କିଶନନଗର ଥାନା କୋଟୁଆଁ ଗାଁର ଜ୍ଞାନ ରଞ୍ଜନ ଖୁଣ୍ଟିଆ (୪୫)ଙ୍କୁ ଗିରଫ କରାଯାଇଛି। ଜ୍ଞାନଙ୍କଠାରୁ ୧୬ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଯାହାର ଦାମ ୧ ଲକ୍ଷ ୬୦ ହଜାର ହେବ ବୋଲି ଅବକାରୀ ଇନ୍ସପେକ୍ଟର ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ ଜୟପ୍ରକାଶ ନାରାୟଣ ଜୟନ୍ତୀ ଓ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ
# ଯୁବ ସମାଜ ପାଇଁ ସଂଗ୍ରାମୀଙ୍କ ଇତିହାସ ହିଁ ଆଦର୍ଶ

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)



ସମାରୋହକୁ ବିଧାୟକ ଅମର ପ୍ରସାଦ ଶତପଥୀ ଉଦ୍‌ଘାଟନ କରୁଛନ୍ତି।

ଲୋକନାୟକ ଜୟପ୍ରକାଶ ନାରାୟଣ ଓ ଶହୀଦ ବାଜିରାଉତଙ୍କ ସଂଗ୍ରାମୀ ଇତିହାସ ଛାତ୍ର ଓ ଯୁବସମାଜ ପାଇଁ ଆଦର୍ଶ। ଇଂରେଜ ସୈନିକଙ୍କ ଗୁଳିଗୋଳାକୁ ଭୟ ନ କରି ସ୍ୱାଭିମାନ ପାଇଁ ପେଟପାଟଣାକୁ ଭୁଲିଯାଇ ପ୍ରଜାମଣ୍ଡଳର ସୈନିକ ଭାବେ ଢେଙ୍କାନାଳ ନୀଳକଣ୍ଠପୁରର ବାଜି ରାଉତ ଯେପରି ପରାକାଷ୍ଠା ଦେଖାଇ ଆତ୍ମବଳିଦାନ ଦେଇଥିଲେ ତାହା ଆଜିର ଛାତ୍ରୀଛାତ୍ର, ଯୁବପିଢି ଏବଂ ଅନ୍ୟବର୍ଗଙ୍କ ପାଇଁ ଶିକ୍ଷଣୀୟ। ଅନୁରୂପ ଭାବେ ସ୍ୱାଧୀନତା ସଂଗ୍ରାମ ଓ ସ୍ୱାଧୀନତା ପରେ ଭାରତବର୍ଷରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ଦିଗରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କର ଅବଦାନ ଅତୁଳନୀୟ। ତାଙ୍କ ପ୍ରଦର୍ଶିତ ସମ୍ପୂର୍ଣ୍ଣ କ୍ରାନ୍ତି ଅଭିଯାନ ଏବେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସଫଳ ରୂପାୟନ କରିବାରେ ପଥ ପ୍ରଦର୍ଶକ ହୋଇପାରିଛି ବୋଲି ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି। ଶୁକ୍ରବାର ସୂଚନା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୭ତମ ଜୟନ୍ତୀ ଓ ଶହୀଦ ବାଜିରାଉତଙ୍କ ଶ୍ରାଦ୍ଧ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଦାସ ଏହା କହିଛନ୍ତି।

ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥୀ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ସୌରୀବନ୍ଧୁ କର, ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ଲେଖକ ଡକ୍ଟର ଉଦ୍ଧବ ଚରଣ ନାୟକ ଯୋଗଦେଇଥିଲେ। ପ୍ରାକ୍ ସ୍ୱାଧୀନତା ସମୟରେ ଗାନ୍ଧିଜୀଙ୍କ ସହିତ ଦେଶ ପାଇଁ କାର୍ଯ୍ୟ କରିଥିବା ଜୟପ୍ରକାଶ ନାରାୟଣ କଷଣ ଓ ଶୋଷଣମୁକ୍ତ ସମାଜର ପରିକଳ୍ପନା କରିବା ଓ ବାଜି ରାଉତଙ୍କ ସମ୍ପର୍କରେ ଅଧିକ ତଥ୍ୟ ପ୍ରକାଶ କରାଯିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ କୌଣସି ଏକ ରାସ୍ତାକୁ ତାଙ୍କ ନାମରେ ନାମିତ କରିବାକୁ ମତ ପ୍ରକାଶ ପାଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସୂଚନା ଅଧିକାରୀ ଦୀପ୍ତିମୟୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜୟପ୍ରକାଶ ନାରାୟଣ ଅର୍ଥନୀତି ଓ ସାମାଜିକ ଅଧ୍ୟୟନ ପ୍ରତିଷ୍ଠାନର ସମ୍ପାଦକ ଡ. ରମାକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ସକାଳେ ମାଷ୍ଟରକ୍ୟାଣ୍ଟିନ୍ ଛକସ୍ଥିତ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ଦାସ ଓ କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ।

## ଓଟିଇଟି ପ୍ରଶ୍ନପତ୍ରରେ ତ୍ରୁଟି ଘଟଣା
# ପୁନଃ ମୂଲ୍ୟାୟନ ଅର୍ଥ କମ୍ ପାଇଁ ଦାବି

କଟକ ଅଫିସ, ୧୧।୧୦

ପ୍ରଶ୍ନପତ୍ର ତ୍ରୁଟି ଲାଗି ୨୦୧୮ରେ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ(ଓଟିଇଟି)କୁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବାତିଲ କରି ଦିଆଯାଇଥିଲା। ସେହିପରି ଚଳିତବର୍ଷ ଜାନୁଆରୀରେ ଏହି ପରୀକ୍ଷା ହେବାକୁ ଥିଲା। ମାତ୍ର ଏହି ପରୀକ୍ଷା ଗତ ଅଗଷ୍ଟ ୫ରୁ ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପରୀକ୍ଷା ପାଇଁ ପ୍ରସ୍ତୁତ ପ୍ରଶ୍ନପତ୍ରରେ ଅନେକ ତ୍ରୁଟି ଥିବା ଦେଖାଯାଇଥିଲା। ଇଂଲିଶ ଭାଷାକୁ ଓଡ଼ିଆ ଅକ୍ଷରରେ ଲେଖା ହୋଇଥିବାବେଳେ ତାହା ଠିକ୍ ଭାବେ ପଢ଼ି ହୋଇ ନ ଥିଲା। ସେହିପରି ପ୍ରତି ସେଟ୍‌ର ଗୋଟିଏ, ଦୁଇଟି ପ୍ରଶ୍ନର ବିକଳ୍ପ ଭାଷା ଓଡ଼ିଆ ବଦଳରେ ବେଙ୍ଗଲି, ତେଲୁଗୁ, ତାମିଲ ଆଦି ରହିଥିଲା। ଯେଉଁଥିପାଇଁ ପରୀକ୍ଷାର୍ଥୀମାନେ ଠିକ୍ ଭାବେ ପ୍ରଶ୍ନ ବୁଝି ନ ପାରି ଅସୁବିଧାରେ ପଡ଼ିଥିଲେ। ସେହିପରି ମାଧ୍ୟମିକ ଶିକ୍ଷା ପରିଷଦ ଏହି ପରୀକ୍ଷାର ପ୍ରତିଟି ପ୍ରଶ୍ନର ପୁନଃ ମୂଲ୍ୟାୟନ ପାଇଁ ୫୦୦ଟଙ୍କା ଦେୟ ଧାର୍ଯ୍ୟ କରିଛି। ଯାହାଫଳରେ ପରୀକ୍ଷାର୍ଥୀ ପୁନଃ ମୂଲ୍ୟାୟନ ପାଇଁ ଆର୍ଥିକ ସମସ୍ୟାରେ ପଡୁଛନ୍ତି। ପରୀକ୍ଷାର୍ଥୀଙ୍କ ଏହି ସମସ୍ୟାକୁ ହୃଦୟଙ୍ଗମ କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଶୁକ୍ରବାର ମାଧ୍ୟମିକ ଶିକ୍ଷା ପରିଷଦ ସମ୍ପାଦକଙ୍କୁ ଭେଟି ପ୍ରଶ୍ନପତ୍ର ତ୍ରୁଟି ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ଉକ୍ତ ପ୍ରଶ୍ନଗୁଡ଼ିକ ପାଇଁ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ଦେବା ସହ ପୁନଃ ମୂଲ୍ୟାୟନ ଦେୟ କମ୍ କରିବା ଲାଗି ସେ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ପାଦକ ଏହି ଦାବିପତ୍ର ଗ୍ରହଣ କରିଥିବାବେଳେ ପରିଷଦ ସଦସ୍ୟଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି। ଆସନ୍ତା ୧୩ ସୁଦ୍ଧା ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଏବିଭିପି ଆନ୍ଦୋଳନ କରିବ ବୋଲି ବାଲେଶ୍ୱର ଜିଲା ସଂଯୋଜକ ସାଇ ପ୍ରୀତମ ସେନାପତି ଓ ସହ ସମ୍ପାଦିକା ସଙ୍ଗୀତା ପଣ୍ଡା ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଫନୀକୁ ୫ ମାସ ବିତିଲା
### କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳୁନି ସହାୟତା ରାଶି

**ନିମାପଡ଼ା,୧୧।୧୦(ଡି.ଏନ୍.ଏ ):** ବାତ୍ୟା 'ଫନୀ'ରେ ନିମାପଡ଼ା ବ୍ଲକର ୩୨ ପଞ୍ଚାୟତ ଓ ୧୧ ୱାର୍ଡର ପ୍ରାୟ ୧୦ହଜାର ହେକ୍ଟର ଜମିରେ ଫସଲହାନି ଘଟିଥିଲା। ଫସଲ ଉଜୁଡିଯାଇଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ବାତ୍ୟା ପରେ ନିମାପଡ଼ା ବ୍ଲକର ପ୍ରତ୍ୟେକ ଅଞ୍ଚଳରେ ଗ୍ରାମ୍ୟ କୃଷି କର୍ମଚାରୀ ଓ ରାଜସ୍ୱ କର୍ମଚାରୀମାନେ କ୍ଷେତ୍ର ପରିଦର୍ଶନ କରିବା ସହ କ୍ଷୟକ୍ଷତିର ଆକଳନ କରିଥିଲେ। କୃଷି ବିଭାଗ ପକ୍ଷରୁ ସର୍ଭେ କରାଯାଇ ସର୍ବେକ୍ଷଣ ରିପୋର୍ଟ ଗତ ଜୁନ ଶେଷ ସପ୍ତାହରେ ପୁରୀ ଜିଲାପାଳ, ଜିଲା କୃଷି ଉପନିର୍ଦ୍ଦେଶକଙ୍କ ସମେତ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ନିମାପଡ଼ା ବ୍ଲକ ଓ ଏନ୍ଏସି ଅଞ୍ଚଳରେ ୨୩ହଜାର ୬୮୭ଜଣ ଚାଷୀ କୃଷି କ୍ଷୟକ୍ଷତି ସହାୟତା ପାଇଁ ବିବେଚିତ ହୋଇଥିବା କୃଷି ବିଭାଗ ସର୍ବେକ୍ଷଣ ତାଲିକାରୁ ଜଣାପଡ଼ିଛି। କିନ୍ତୁ ବାତ୍ୟାର ୫ମାସ ପରେ ବି ଉକ୍ତ କ୍ଷତିଗ୍ରସ୍ତ ଚାଷୀମାନେ ସହାୟତା ପାଇନାହାନ୍ତି। ଏହି ସହାୟତା କେବେ ମିଳିବ ତାହା ଅନିଶ୍ଚିତତା ଘେରରେ ରହିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ସୁବାସ ଚନ୍ଦ୍ର ବାରିକ କୁହନ୍ତି, ସରକାରଙ୍କ ପକ୍ଷରୁ ଅଦ୍ୟାବଧି ନିମାପଡ଼ା କୃଷି ଜିଲାକୁ ବାତ୍ୟା କ୍ଷୟକ୍ଷତି ଅନୁଦାନ ରାଶି ଆସିନାହିଁ। ସରକାରଙ୍କ ପକ୍ଷରୁ ଆର୍ଥିକ ଅନୁଦାନ ଆସିଲେ ସହାୟତା ରାଶି ପ୍ରଦାନ କରାଯିବ ବୋଲି କହିଥିଲେ। ତୁରନ୍ତ ସହାୟତା ରାଶି ପ୍ରଦାନ କରା ନ ଗଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।

### ୨୦ କେଜି ଗଞ୍ଜେଇ ଜବତ, ୪ ଗିରଫ

**ପୁରୀ ଅଫିସ, ୧୧।୧୦:** ପୁରୀ ସହର ନିଶା କାରବାର ଆଡ୍ଡାସ୍ଥଳୀ ପାଲଟିଛି। ଶୁକ୍ରବାର ବାସେଳିସାହି ପୋଲିସ ବେଆଇନ ଭାବେ ଗଞ୍ଜେଇ ଚାଲାଣ ନେଇ ୪ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ସତ୍ୟବାଦୀର ବିଭୁ ଓରଫ ବିପିନ ବେହେରା(୩୨), ବାଲିସାହିର ଜିତେନ୍ଦ୍ର ସ୍ୱାଇଁ(୩୪), କନ୍ଧମାଳର ଅଜୟ ଦିଗାଲ(୨୩) ଓ ଅମୃସ ନାୟକ (୩୯)। ସେମାନଙ୍କଠାରୁ ପୋଲିସ ୨୦କେଜି ୫ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଏନେଇ ଥାନାରେ ଏନଡିପିଏସ୍ ଆକ୍ଟ ୧୧୧/୧୯ରେ ଏକ ମାମଲା ରୁଜୁ ହୋଇଛି। ଏହା ସହ ପୋଲିସ ଏକ କାର ସହ ନଗଦ ୧୩୫୦ ଓ ୩ଟି ମୋବାଇଲ ଜବତ କରିଛି। ବ୍ରହ୍ମଗିରି ଅଞ୍ଚଳରୁ ୪ଜଣ ଯୁବକ କାର ଯୋଗେ ଗଞ୍ଜେଇ ଧରି ପୁରୀ ଆସୁଥିବା ଖବରପାଇ ବାସେଳିସାହି ପୋଲିସ ମଙ୍ଗଳାଘାଟ ଛକରେ ଚଢ଼ାଉ କରିଥିଲେ।

### ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

**ବ୍ରହ୍ମଗିରି,୧୧।୧୦(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଏକ ବାଇକ୍ ଦୁର୍ଘଟଣାରେ ଦୁଇଜଣ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଥାନା ଅନ୍ତର୍ଗତ ବଡବାଲି ଗ୍ରାମର ସୁରେଶ ରାଉତ(୨୬) ଏକ ବାଇକ୍‌ରେ ଆସୁଥିବା ସମୟରେ ଖଜୁରିଆଠାରେ ଭାରସାମ୍ୟ ହରାଇ ଅପରପକ୍ଷରେ ଆସୁଥିବା ଧର୍ମକୀର୍ତ୍ତି ଗ୍ରାମର ଭ୍ରମର ଭୋଇଙ୍କୁ ଧକ୍କା ଦେଇଥିଲେ । ଫଳରେ ଦୁଇଜଣ ତଳେ ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି। ଭ୍ରମରଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି ।

### ପାନୀୟ ଜଳ ଯୋଗାଣ ବନ୍ଦ ନେଇ ଜନଅସନ୍ତୋଷ

**ସାକ୍ଷୀଗୋପାଳ,୧୧।୧୦(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକର ବିଶ୍ୱନାଥପୁର ପଞ୍ଚାୟତ ଅଧୀନ ପାଟଣାସାହି, ଠାକୁରମା ପାଟଣା, ଛମାଣସାହି, ହାଟସାହି, ବାମଦେଇପୁର ଓ ପାଟଣାସାହି ଦଳିତ ସାହିକୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇଛି। ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଚାଲିଥିଲା। କିନ୍ତୁ ଯୋଗାଣର ଚାରିଦିନ ପରେ ଆଉ ଜଳ ଦିଆଯାଇନାହିଁ। ଏପରିକି ଗତ ୩ ମାସ ହେଲା ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି ବୋଲି ସେମାନେ କହିଛନ୍ତି।

## ୧୪ରୁ କାର୍ତ୍ତିକ ବ୍ରତ
# ଶ୍ରୀକ୍ଷେତ୍ରରେ ପହଞ୍ଚିଲେ ହବିଷିଆଳି

**ପୁରୀ ଅଫିସ, ୧୧।୧୦**

ଆସନ୍ତା ୧୩ ତାରିଖରେ ଆଶ୍ୱିନ ପୂର୍ଣ୍ଣିମା ବା କୁମାର ପୂର୍ଣ୍ଣିମା। ଏହା ପରଦିନ ଅର୍ଥାତ୍ ୧୪ ତାରିଖରୁ ଆରମ୍ଭ ହେବ ଧର୍ମ ମାସ କାର୍ତ୍ତିକ। ପୂଣ୍ୟ ଭୂମି ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ ହଜାର ହଜାର ହବିଷିଆଳି। ଏଥିଲାଗି ଶୁକ୍ରବାରଠାରୁ ଶ୍ରୀକ୍ଷେତ୍ରକୁ ହବିଷିଆଳିଙ୍କ ଆସିବା ଆରମ୍ଭ ହୋଇଛି। ଟ୍ରେନ ଏବଂ ବସ୍ ଯୋଗେ କିଛି ହବିଷିଆଳି ଆସି ପୁରୀରେ ପହଞ୍ଚିଛନ୍ତି। ସେମାନେ ପୂର୍ବରୁ ସ୍ଥିର କରିଥିବା ଧର୍ମଶାଳା, ମଠକୁ ଟେମ୍ପୋ, ରିକ୍ସା ଓ ଟାଉନ ବସ୍‌ରେ ଯାଇଥିଲେ। ଫଳରେ ବିଭିନ୍ନ ମଠ ଓ ଧର୍ମଶାଳାରେ ଧୀରେ ଧୀରେ ଗହଳି ଆରମ୍ଭ ହେଲାଣି। ଆସନ୍ତା ୩ ଦିନ ମଧ୍ୟରେ ଅଧିକ ହବିଷିଆଳି ପହଞ୍ଚିବେ। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନାରେ ଯେଉଁମାନେ ଆସିବେ ସେମାନଙ୍କୁ ୧୨ ତାରିଖରୁ ଆଶ୍ରୟସ୍ଥଳୀରେ ରଖାଯିବ। ତେଣୁ ଆଗକୁ ଶ୍ରୀକ୍ଷେତ୍ରରେ ହବିଷିଆଳିଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ। ଆଶ୍ରୟସ୍ଥଳୀରେ ରହୁଥିବା ହବିଷିଆଳିଙ୍କ ଲାଗି ମାଗଣାରେ ରହିବା, ଖାଇବା ସହିତ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି।

ଅପରାହ୍ନରେ ଟ୍ରେନରେ ଆସି ଷ୍ଟେଶନରେ ପହଞ୍ଚିଥିଲେ ବାଲେଶ୍ୱର ନୀଳଗିରି ଅଞ୍ଚଳର ୩ ଜଣ ମହିଳା। ସେମାନେ ପ୍ରଥମେ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସକୁ ଯାଇ ବିଶ୍ରାମ ନେଇଥିଲେ। ଏହାପରେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟକୁ ଯାଇ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ରାତିଟା ସମ୍ପର୍କୀୟଙ୍କ ଘରେ ବିତାଇବା ପରେ ଶନିବାରଠାରୁ ହବିଷିଆଳି ଆଶ୍ରୟସ୍ଥଳରେ ରହିବେ ବୋଲି ସେମାନେ କହିଥିଲେ। ଗତ ବୁଧବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି କାର୍ତ୍ତିକ ନୀତି। ରାଧାଦାମୋଦର ବେଶରେ ଦର୍ଶନ ଦେଉଛନ୍ତି ମହାପ୍ରଭୁ। କିନ୍ତୁ ପରମ୍ପରା ଅନୁଯାୟୀ, ହବିଷିଆଳିମାନେ କାର୍ତ୍ତିକ ମାସ ପ୍ରଥମ ଦିନରୁ କାର୍ତ୍ତିକ ବ୍ରତ ଆରମ୍ଭ କରଥାନ୍ତି। ପ୍ରାତଃରୁ ମାର୍କଣ୍ଡ, ଶ୍ୱେତଗଙ୍ଗା, ନରେନ୍ଦ୍ର ଏବଂ ଇନ୍ଦ୍ରଦ୍ୟୁମ୍ନ ଆଦି ବିଭିନ୍ନ ପୁଷ୍କରିଣୀରେ ସ୍ନାନ କରି ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରନ୍ତି। ଦର୍ଶନ ପରେ ରହୁଥିବା ବିଭିନ୍ନ ମଠ, ଧର୍ମଶାଳା ଏବଂ ଆଶ୍ରୟସ୍ଥଳୀର ତୁଳସୀ ଚଉରା ମୂଳେ ପୂଜା କରିଥାନ୍ତି। ଦିନରେ ଗୋଟିଏ ଥର ମହାପ୍ରସାଦ ସେବନ ଅର୍ଥାତ୍ ହବିଷାନ୍ନ କରି କାର୍ତ୍ତିକ ବ୍ରତ ପାଳିଥାନ୍ତି।



ଶ୍ରୀକ୍ଷେତ୍ରରେ ଶୁକ୍ରବାର ପହଞ୍ଚିଥିବା ୩ ହବିଷିଆଳି।

### ପଞ୍ଜୀକରଣ କଲେ ୨,୧୦୦

ଗତ ୩ବର୍ଷ ଭଳି ଚଳିତବର୍ଷ ମଧ୍ୟ ରାଜ୍ୟ ସରକାର ହବିଷିଆଳିଙ୍କୁ ମାଗଣାରେ ରହିବା ଏବଂ ଦିନକୁ ଗୋଟିଏଥର ମହାପ୍ରସାଦ ଦେବା ଲାଗି ବ୍ୟବସ୍ଥା କରିଛନ୍ତି। ଚଳିତବର୍ଷ ପ୍ରାୟ ୩,୦୦୦ ହବିଷିଆଳିଙ୍କୁ ମାଗଣାରେ ରଖିବା ଲାଗି ନିଷ୍ପତ୍ତି ହୋଇଛି। ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ମୋଚିସାହି ଛକସ୍ଥିତ ପୌରସଂସ୍ଥା କଲ୍ୟାଣ ମଣ୍ଡପ ଏବଂ ନରେନ୍ଦ୍ରକୋଣସ୍ଥିତ ସ୍ଥାୟୀ ହବିଷିଆଳି କେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ପଞ୍ଜୀକରଣର ଶେଷ ତାରିଖ ରହିଥିବାବେଳେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ୨,୧୦୦ ହବିଷିଆଳି ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଅନ୍ୟ ଜିଲାଗୁଡ଼ିକରେ କେତେ ଜଣ ପଞ୍ଜୀକରଣ କରିଛନ୍ତି ଶନିବାର ତାହା ସ୍ପଷ୍ଟ ଜଣାପଡିବ ବୋଲି ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି।

### ଦମ୍ପତିଙ୍କୁ ଆକ୍ରମଣ ଘଟଣା: ଜଣେ ଗିରଫ

**ପୁରୀ ଅଫିସ, ୧୧।୧୦**

ଦାଦବାଟି ନ ଦେବାରୁ ମଙ୍ଗଳାଘାଟ ମଙ୍ଗଳାସାହିର ଦମ୍ପତି ଶରତ ଚନ୍ଦ୍ର ମିଶ୍ର ଓ ସୁସ୍ମିତାଙ୍କୁ ଆକ୍ରମଣ ଘଟଣାରେ ସଦର ଥାନା ପୋଲିସ ଶୁକ୍ରବାର ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋଲାସାହିର ଟୁକୁନା ଓରଫ ନାରାୟଣ ଦଳାଇ(୨୮)। ଗତ ୫ତାରିଖ ଅପରାହ୍ନ ସାଢେ ୪ଟା ସମୟରେ ୩ଜଣ ଯୁବକ ମୁହଁରେ କଳାକପଡା ବାନ୍ଧି ଘରେ ପସି ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଶରତଙ୍କ ଲିଖିତ ଅଭିଯୋଗ ଉପରେ ଥାନାରେ ୨୨୪/୧୯ରେ ମାମଲା ରୁଜୁ ହୋଇଛି।

### ଯାତ୍ରୀଙ୍କ ମନିପର୍ସ ଫେରାଇଲା ଆର୍‌ପିଏଫ୍

**ପୁରୀ ଅଫିସ, ୧୧।୧୦:** ପୁରୀ ଆରପିଏଫ ପୋଲିସ ଜଣେ ଯାତ୍ରୀଙ୍କ ହଜିଯାଇଥିବା ମନିପର୍ସକୁ ଶୁକ୍ରବାର ଫେରାଇଛି। ସେଥିରେ ୭ହଜାର ଟଙ୍କା, ଏଟିଏମ, ଆଧାର କାର୍ଡ ରହିଥିଲା। ଷ୍ଟେଶନରେ ଡ୍ୟୁଟି କରୁଥିବା ହେଡ କନଷ୍ଟେବଲ ସୁଜତା ରାଉତରାୟ ଲଗେଜ ସ୍କାନର ନିକଟରେ ଏକ ମନିପର୍ସ ପାଇଥିଲେ। ମନିପର୍ସ ଯାଞ୍ଚବେଳେ ଏହା ପଶ୍ଚିମବଙ୍ଗର ରାମପୁରର ବିଟି ପ୍ରସାଦ ବୋଲି ଜାଣିବାକୁ ପାଇଥିଲେ। ଏନେଇ ସେ ଏସ୍ଆଇ ପିକେ ରାଉଳଙ୍କୁ ଜଣାଇଥିଲେ।



ପାଚିକା ସଂଘ ରାଜ୍ୟ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ପାଚିକା ସଂଘର ପ୍ରଥମ ରାଜ୍ୟ ସମ୍ମିଳନୀ

**ପୁରୀ ଅଫିସ, ୧୧।୧୦**

ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘର ପ୍ରଥମ ରାଜ୍ୟ ସମ୍ମିଳନୀ ଶୁକ୍ରବାର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ସର୍ବଭାରତୀୟ ଯୁଗ୍ମ ସମ୍ପାଦକ କେ. ତ୍ୟାଗୀ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟର ବରିଷ୍ଠ ନେତା ଜନାର୍ଦ୍ଦନ ପତି ଯୋଗେଦେଇ ବର୍ତ୍ତମାନ ପରିସ୍ଥିତିରେ ପାଚିକାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବନ୍ଦ କରିବାକୁ ହେବ। ପାଚିକାଙ୍କୁ ଶ୍ରମିକ କର୍ମଚାରୀର ମାନ୍ୟତା ଦେବା, ସେମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରି, ସାମାଜିକ ନିରାପତ୍ତା ଯୋଗାଇଦେବା ଏବଂ ବେଆଇନ ଛଟେଇ ବନ୍ଦ କରିବାକୁ ପଡିବ ବୋଲି କହିଥିଲେ। ଆଗାମୀ ଦିନରେ ପାଚିକାମାନଙ୍କୁ ସଂଗଠିତ କରି ସରକାର ବିରୋଧରେ ଲଢି ସେମାନଙ୍କ ହକ୍ ଆଦାୟ କରିବା ଲାଗି ପତି ଆହ୍ୱାନ ଦେଇଥିଲେ। ଏଥିରେ ପାଚିକା ସଂଘର ୨୮ ଜଣ ପ୍ରତିନିଧି ବକ୍ତବ୍ୟ ରଖିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତି ବିରୋଧରେ ଆସନ୍ତାବର୍ଷ ଜାନୁୟାରୀ ୮ ତାରିଖରେ ଦେଶବ୍ୟାପୀ ଶ୍ରମିକ ଧର୍ମଘଟ ପାଇଁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ଜିଲା ସଂଘ ସଭାପତି ପୀତବାସ ବେହେରା, ଜଗନ୍ନାଥ ଦେଓ, ବନବାସିନୀ ମହାପାତ୍ର, ସ୍ମୃତିରଞ୍ଜନ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ମିଳନୀ ପ୍ରାରମ୍ଭରେ ଲାଲ୍ ପତାକାକୁ ଉଦ୍‌ଘାଟନ କରାଯିବା ସହିତ ଶହୀଦ ବେଦୀରେ ମାଲ୍ୟାର୍ପଣ କରାଯାଇଥିଲା।

### ପ୍ରତି ରବିବାର ସିଂହଦ୍ୱାର ସମ୍ମୁଖରେ ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା

**ପୁରୀ ଅଫିସ, ୧୧।୧୦**

ଏଣିକି ପ୍ରତି ରବିବାର ସକାଳେ ସିଂହଦ୍ୱାର ସମ୍ମୁଖରେ ଅନୁଷ୍ଠିତ ହେବ ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ। ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ହେଉଥିବା ନୀଳାଦ୍ରି ଭକ୍ତ ଉତ୍ସବ ବଦଳରେ ଏହା କରାଯିବା ଲାଗି ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୩ ତାରିଖ କୁମାର ପୂର୍ଣ୍ଣିମାଠାରୁ ପ୍ରତି ରବିବାର ପ୍ରାତଃ ସାଢେ ୬ଟାରୁ ୮ଟା ପର୍ଯ୍ୟନ୍ତ ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡାଙ୍କ ସୂଚନା ମୁତାବକ, ପ୍ରାତଃ ସାଢେ ୬ଟାରେ ଶଙ୍ଖଧ୍ୱନୀ, ବେଦଧ୍ୱନୀ ମଧ୍ୟରେ ଶ୍ରୀମନ୍ଦିର ଅରୁଣ ସ୍ତମ୍ଭ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯିବ। ଏହାପରେ ଶ୍ରୀଜଗନ୍ନାଥଷ୍ଟକମ୍ ଆବୃତ୍ତି ହେବ। ପରେ ପରେ ଶ୍ରୀଗୀତଗୋବିନ୍ଦମ୍‌ର ଲଳିତ କାନ୍ତ ପଦାବଳୀ ଅନୁସରଣରେ ଓଡ଼ିଶୀ ନୃତ୍ୟ, ଶ୍ରୀମଦ୍ ଭଗବତ ଗୀତାର ୧/୨ଟି ଶ୍ଳୋକ ଓ ଏହାର ବ୍ୟାଖ୍ୟା, ସାମୁହିକ ଭଜନ ଏବଂ ଶେଷରେ ନାମ ସଂକୀର୍ତ୍ତନ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରାଯିବ। ଏହା ସହ ଶ୍ରୀଗୀତଗୋବିନ୍ଦମ୍ ଆଧାରରେ ଓଡ଼ିଶୀ ନୃତ୍ୟ ପରେ ଗୋଟିଏ ରବିବାରରେ ଯୋଗାସନ ବା ଧ୍ୟାନ, ଅନ୍ୟ ୨ରବିବାରରେ ସ୍ତବସ୍ତୁତି ଏବଂ ଶେଷ ରବିବାର ପାଲା କିମ୍ବା ଦାସକାଠିଆ ପରିବେଷଣ କରାଯିବ। ପ୍ରତି ରବିବାର ରଙ୍ଗୋଲି, ଚିତ୍ରାଙ୍କନ ଏବଂ ଦୀପ ସଜ୍ଜା ଇତ୍ୟାଦି କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରତି ମାସ ସଂକ୍ରାନ୍ତି ଦିନ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।




ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି ଶ୍ରୀମନ୍ଦିର ଭକ୍ତ ନିବାସ କର୍ମଚାରୀ ସଂଘର କର୍ମକର୍ତ୍ତା।

## ନୀତି ପ୍ରଶାସକଙ୍କୁ ଭକ୍ତ ନିବାସ କର୍ମଚାରୀ ସଂଘର ଦାବିପତ୍ର
# ଶ୍ରମ ଆଇନକୁ ଉଲ୍ଲଂଘନ କରୁଛି ଠିକା ସଂସ୍ଥା

**ପୁରୀ ଅଫିସ, ୧୧।୧୦**

ବିଭିନ୍ନ ଦାବି ନେଇ ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି ଶ୍ରୀମନ୍ଦିର ଭକ୍ତ ନିବାସ କର୍ମଚାରୀ ସଂଘ। ପରେ ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ନୀତି ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ନୀଳାଚଳ ଭକ୍ତ ନିବାସ, ଗୁଣ୍ଡିଚା ଭକ୍ତ ନିବାସ ଓ ନୀଳାଦ୍ରି ଭକ୍ତ ନିବାସରେ କର୍ମଚାରୀ ନିୟୋଜନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏକ ଠିକା ସଂସ୍ଥା ସହ ଚୁକ୍ତି କରିଛି। ଫଳରେ ଆଉଟ୍‌ସୋର୍ସିଂ ଭାବେ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ସମ୍ପୃକ୍ତ ଠିକା ସଂସ୍ଥା ପ୍ରଚଳିତ ଶ୍ରମ ଆଇନକୁ ଉଲ୍ଲଂଘନ କରି ସର୍ବନିମ୍ନ ମଜୁରି, ଇପିଏଫ୍ ଓ ଇଏସ୍ଆଇ ଦେଉନାହିଁ।

ତେଣୁ ସଂଘ ପକ୍ଷରୁ ୯ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସର୍ବନିମ୍ନ ମଜୁରି ପ୍ରଦାନ, ଗୁଣ୍ଡିଚା ଭକ୍ତ ନିବାସରେ କର୍ମଚାରୀଙ୍କୁ ୩୦ ଦିନର ଦରମା ପ୍ରଦାନ ସହ ୫ ରିସେପ୍‌ସନିଷ୍ଟ ପଦ ସୃଷ୍ଟି, ୨୦୧୬ ଏପ୍ରିଲରୁ ବର୍ଦ୍ଧିତ ହାରରେ ବକେୟା ମଜୁରି ପ୍ରଦାନ, ପ୍ରତ୍ୟେକ ମାସରେ ୱେଜ୍ ସ୍ଲିପ ପ୍ରଦାନ, ବକେୟା ଇପିଏଫ୍/ଇଏସ୍ଆଇ ଜମା କରି କର୍ମଚାରୀଙ୍କୁ କୋଡ୍ ପ୍ରଦାନ ଓ ଇଏସ୍ଆଇରେ ପରିବାରବର୍ଗଙ୍କୁ ସାମିଲ, କର୍ମଚାରୀଙ୍କୁ ବୋନସ ଓ ବର୍ଷକୁ ୨ ହଳ ପୋଷାକ, ସମସ୍ତ କର୍ମଚାରୀଙ୍କୁ ଗୋଷ୍ଠୀ ବୀମାଭୁକ୍ତ କରାଯାଉ ଏବଂ ଏକକ ପରିଚୟପତ୍ର ବ୍ୟବସ୍ଥା ସାଙ୍ଗକୁ ଗତ ମେ ବାତ୍ୟା ମାସର ସମ୍ପୂର୍ଣ୍ଣ ଦରମା ଦିଆଯାଉ ବୋଲି ଦାବି କରାଯାଇଛି। ଏହି ବିକ୍ଷୋଭରେ ସଂଘ ସଭାପତି ଶରତ ରାୟଗୁରୁ, ସମ୍ପାଦକ ରଶ୍ମିତା ଗୋଛାୟତ, ଅମରେନ୍ଦ୍ର ନନ୍ଦ, ଜଗନ୍ନାଥ ଦେଓ, ସୋମନାଥ ନାୟକ, ସୁଜିତ ନାୟକ, ମୁନା ମହାପାତ୍ର, ଶିବପ୍ରସାଦ ସାହୁ ପ୍ରମୁଖ ସାମିଲ ଥିଲେ।

## ଖୋଲିଲା ସ୍ୱତନ୍ତ୍ର ପ୍ରଫୁଲ୍ଲ ସହାୟତା ପ୍ରକୋଷ୍ଠ
# ଦିବ୍ୟାଙ୍ଗଙ୍କୁ ମିଳିବ ମାଟ୍ରିକ ପରବର୍ତ୍ତୀ ଛାତ୍ର ବୃତ୍ତି ସହାୟତା

**ପୁରୀ ଅଫିସ, ୧୧।୧୦**

ଶିକ୍ଷିତ ଦିବ୍ୟାଙ୍ଗ ଯୁବତୀଯୁବକଙ୍କ ଉଚ୍ଚଶିକ୍ଷା ନିମିତ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନେକ ସହାୟତା ଯୋଜନା ରହିଛି। କିନ୍ତୁ ଅନେକେ ଏ ବାବଦରେ ଜାଣି ନ ଥିବାରୁ ଏହାର ଲାଭ ଉଠାଇ ପାରୁନାହାନ୍ତି। ତେଣୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରଫୁଲ୍ଲ ଯୋଜନା ମାଧ୍ୟମରେ ଜିଲାର ଶିକ୍ଷିତ ବେକାର ଯୁବତୀଯୁବକମାନଙ୍କୁ ମାଟ୍ରିକ ପରବର୍ତ୍ତୀ ଶିକ୍ଷାବୃତ୍ତି ସହାୟତା ପ୍ରଦାନ ନିମିତ୍ତ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ସ୍ୱତନ୍ତ୍ର ପ୍ରଫୁଲ୍ଲ ସହାୟତା ପ୍ରକୋଷ୍ଠ ଖୋଲାଯାଇଛି।

ମାଟ୍ରିକ ପରବର୍ତ୍ତୀ ଉଚ୍ଚଶିକ୍ଷା ପାଇଁ ୪୦ ପ୍ରତିଶତ କିମ୍ବା ତଦୂର୍ଦ୍ଧ ଦିବ୍ୟାଙ୍ଗତା ଥିବା ତଥା ମାଟ୍ରିକରେ ୪୦ ପ୍ରତିଶତ କିମ୍ବା ଏହାଠାରୁ ଅଧିକ ମାର୍କ ରଖିଥିବା ଛାତ୍ରୀଛାତ୍ରମାନେ ଯେ କୌଣସି ସରକାରୀ ବା ବେସରକାରୀ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିବାକୁ ଚାହୁଁଥିଲେ ଅନ୍‌ଲାଇନ ଆବେଦନ କରିବାର ବ୍ୟବସ୍ଥା ରହିଛି। ଫନୀ ପରେ ପୁରୀ ଜିଲା ଗ୍ରାମାଞ୍ଚଳରେ ରହୁଥିବା ଅନେକ ଯୁବତୀଯୁବକ ଅନ୍‌ଲାଇନ ଆବେଦନ ସୁବିଧାରୁ ବଞ୍ଚିତ ହେଉଥିବାରୁ ସେମାନଙ୍କ ଲାଗି ଜିଲା ସମାଜ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ପ୍ରଫୁଲ୍ଲ ସହାୟତା ପ୍ରକୋଷ୍ଠ ଖୋଲାଯାଇଛି। ଯେଉଁମାନେ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ଲାଗି ଆବେଦନ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବେ ସେମାନେ ଏହି ପ୍ରକୋଷ୍ଠରେ ମାର୍କଲିଷ୍ଟ, ଆଧାରକାର୍ଡ, ବ୍ୟାଙ୍କ ପାସ୍‌ବୁକ ଏବଂ ନିଜ ମୋବାଇଲ ନମ୍ବର ସହିତ ଯୋଗାଯୋଗ କରିପାରିବେ ବୋଲି ଜିଲା ସମାଜ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢୀ କହିଛନ୍ତି। ଚଳିତ ମାସ ୩୦ ତାରିଖ ଫର୍ମ ପୂରଣର ଶେଷ ତାରିଖ ରହିଛି।

# ସ୍ୱାମୀ ଓମ୍ ଜୀଙ୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ

**କୋଣାର୍କ,୧୧।୧୦(ଡି.ଏନ୍.ଏ.)**

ଗ୍ଲୋବାଲ ଓ ଭାରତ ହିନ୍ଦୁ ମହାସଭାର ଅଧ୍ୟକ୍ଷ ସ୍ୱାମୀ ଓମ୍ ଜୀ ଶୁକ୍ରବାର ବିଶ୍ୱ ପ୍ରସିଦ୍ଧ କୋଣାର୍କର ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର। ତାଙ୍କ ଯୋଗୁ ସଂସାରରେ ଜୀବ ଓ ଗ୍ରହ ନକ୍ଷତ୍ର ତିଷ୍ଠି ରହି ନିଜ କାର୍ଯ୍ୟ ସମ୍ପାଦାନ କରିପାରନ୍ତି। କିନ୍ତୁ ଏହି ମନ୍ଦିରରେ ସୂର୍ଯ୍ୟଙ୍କ ପ୍ରତିମା ଥିଲେ ମଧ୍ୟ ତାହାକୁ ଲୁକ୍କାୟିତ ରଖାଯାଇ ହିନ୍ଦୁ ଧର୍ମ ସହ ସମସ୍ତ ଦେବତା କୂଳକୁ ଅପମାନ କରାଯାଉଛି। ଏ ନେଇ ସୂର୍ଯ୍ୟଙ୍କୁ ପୂଜାବିଧିର ସମସ୍ତ ବ୍ୟବସ୍ଥା କରିବାକୁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କ ସହ ମଧ୍ୟ କଥା ହୋଇଛନ୍ତି। ଅନ୍ୟପକ୍ଷେ ସରକାର ଯଦି ଏଥିରେ ବିଳମ୍ବ କରନ୍ତି, ତେବେ ବିକଳ୍ପ ଏକ ସୂର୍ଯ୍ୟ ମନ୍ଦିର କରି ସେଠାରେ ପୂଜାର୍ଚ୍ଚନା କରାଯିବ ବୋଲି ସେ କହିଛନ୍ତି। ସ୍ୱାମୀଜୀଙ୍କ ସହ ଦାରା ସେନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ମୁକେଶ ଜୈନ, ବାବା ସୀତାରାମ, ବାବା ଯଦୁମଣି ସ୍ୱାମୀ ଉପସ୍ଥିତ ଥିଲେ।



ସ୍ୱାମୀ ଓମ୍ ଜୀ କୋଣାର୍କ ମନ୍ଦିର ବୁଲି ଦେଖୁଛନ୍ତି।

## ଶ୍ରୀ ଗୀତଗୋବିନ୍ଦମ୍‌ର ପଦ୍ୟାନୁବାଦ ଉନ୍ମୋଚିତ
# ସଂସ୍କୃତ ଗୀତକାବ୍ୟ ପରମ୍ପରା ଓଡ଼ିଶାରୁ ଆରମ୍ଭ

**ପୁରୀ ଅଫିସ/ବ୍ରହ୍ମଗିରି, (ଡି.ଏନ୍.ଏ.)୧୧।୧୦**

ଶ୍ରୀଗୀତଗୋବିନ୍ଦ ଜୟଦେବଙ୍କ ଏକ ମହାନ କୃତି। ୧୧୦୦ ମସିହା ମଧ୍ୟଭାଗରେ ଏହା ରଚିତ ହୋଇଥିବା ଅନୁମାନ କରାଯାଏ। ବର୍ତ୍ତମାନ ସୁଦ୍ଧା ଭାରତରେ ଏହା ଉପରେ ୩୩ଟି ଟୀକା ରଚିତ ହୋଇସାରିଛି। ପ୍ରଥମ ସଂସ୍କୃତ ଟୀକା ୧୧୭୦ରେ ଓଡ଼ିଶାର ପଣ୍ଡିତ ଉଦୟନ ଆଚାର୍ଯ୍ୟ ରଚନା କରିଥିଲେ। ଗୀତଗୋବିନ୍ଦର ପ୍ରଥମ ପ୍ରାଦେଶିକ ଅନୁବାଦ ମଧ୍ୟ ଓଡ଼ିଆରେ ହୋଇଥିଲା। ୧୫୦୦ ମସିହାରେ ଏହାର ପଦ୍ୟାନୁବାଦ କରିଥିଲେ ପଣ୍ଡିତ ଉଦ୍ଧବ ଦାସ। ଏହା ପରଠାରୁ ୪୩ଥର ବିଭିନ୍ନ କବିଙ୍କ ପଦ୍ୟାନୁବାଦ ହୋଇସାରିଛି। ୪୪ତମ ଅନୁବାଦ ହେଉଛି ତରୁଣ କବି ଦାମୋଦର ପରିଡ଼ାଙ୍କର ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି।

ଶୁକ୍ରବାର ବ୍ରହ୍ମଗିରି ଅଲାରନାଥଙ୍କ ଝୁଲଣ ମଣ୍ଡପରେ ଶ୍ରୀ ଗୀତଗୋବିନ୍ଦମ୍‌ର ଓଡ଼ିଆ ପଦ୍ୟାନୁବାଦ ପୁସ୍ତକର ଉନ୍ମୋଚନ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ମିଶ୍ର କହିଛନ୍ତି, ସଂସ୍କୃତ ଗୀତକାବ୍ୟ ପରମ୍ପରା ପ୍ରଥମେ ଓଡ଼ିଶାରୁ ହିଁ ଆରମ୍ଭ ହୋଇଥିଲା। ଏଥିରେ ଉଦ୍‌ଘାଟକ ଭାବେ ଯୋଗଦେଇ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଗୀତଗୋବିନ୍ଦର ଭକ୍ତି ଭାବ ଯୋଗୁ ତାହା ଆଜି ବିଶ୍ୱ ବିଖ୍ୟାତ ହୋଇପାରିଛି ବୋଲି କହିଥିଲେ। ମୁଖ୍ୟଅତିଥି ପ୍ରଫେସର ହରେକୃଷ୍ଣ ଶତପଥୀ କହିଥିଲେ ଯେ, ଗୀତଗୋବିନ୍ଦର ଲାଳିତ୍ୟ ଓ କବି ଜୟଦେବଙ୍କର ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି ଯୋଗୁ ତାଙ୍କ କୃତି ସଫଳ ହୋଇଛି। ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି କବି ହରିହର ମିଶ୍ର, ଡ. ସିଦ୍ଧେଶ୍ୱର ମହାପାତ୍ର ଅତିଥି ଭାବେ ଯୋଗଦେଇ ପୁସ୍ତକ ଉପରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଡ. ପ୍ରମୋଦ କୁମାର ଆଚାର୍ଯ୍ୟ ସଭା ପରିଚାଳନା କରିଥିବା ବେଳେ କବି ଦାମୋଦର ପରିଡ଼ା ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ଚନ୍ଦ୍ରମଣି ଲେଖା ଗୀତଗୋବିନ୍ଦର ପଦ୍ୟଗୁଡ଼ିକ ଗାନ କରିଥିଲେ। ଏଥିରେ ନୀଳମଣି ସୁଆର, ଗୁଣନିଧି ବରାଳ, ଭିକାରୀ ଜେନା, ଭାଗୀରଥି ଦଳାଇ, ପ୍ରିୟ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ଗୀତଗୋବିନ୍ଦମ୍‌ର ଓଡ଼ିଆ ପଦ୍ୟାନୁବାଦ ପୁସ୍ତକ ଲୋକାର୍ପଣ କରୁଛନ୍ତି।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଅସଦାଚରଣ, ସ୍ୱାମୀଙ୍କୁ ମାଡ଼ : ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୧।୧୦ (ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କ ସ୍ୱାମୀଙ୍କୁ ମାଡ ମାରିବା ଅଭିଯୋଗରେ ପ୍ରଶାନ୍ତି ବିହାର ଅଞ୍ଚଳର ସମ୍ବିତ ପ୍ରହରାଜଙ୍କୁ ପୋଲିସ ଗିରଫ କରିଛି। ସୂଚନା ମୁତାବକ, ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କ ସହ ସମ୍ବିତଙ୍କ ବନ୍ଧୁତା ଥିଲା। ପରବର୍ତ୍ତୀ ସମୟରେ ସେ ମହିଳାଙ୍କୁ ଏକ ତରଫା ପ୍ରେମ କରିବା ସହ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। କିଛି ଦିନ ତଳେ ଏକୁଟିଆର ସୁଯୋଗ ନେଇ ତାଙ୍କ ସହ ଅସଦାଚରଣ ମଧ କରିଥିଲେ। ଏ କଥା ସ୍ୱାମୀଙ୍କ କାନରେ ପଡ଼ିଥିଲା। ଗତ ବୁଧବାର ସନ୍ଧ୍ୟାରେ ସମ୍ବିତ ଏବଂ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ମୁହାଁମୁହିଁ ହେବାରୁ ମାରପିଟ ଘଟିଥିଲା। ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ କେସ୍ (ନଂ. ୩୯୦/୧୯) ରୁଜୁ କରିଥିଲା।

### ଛାତ୍ରୀଙ୍କୁ କମେଣ୍ଟ ମାରି ୨ ନାବାଳକ ଅଟକ

**କଟକ ଅଫିସ,୧୧।୧୦:** ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ପୁରୀଘାଟ ଥାନା ପୋଲିସ ଶୁକ୍ରବାର ଦୁଇ ଜଣ ନାବାଳକଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ସେମିନାର ଛକରେ ଯାଉଥିବା ବେଳେ ୫ଜଣ ନାବାଳକ ତାଙ୍କୁ ଅଟକାଇ ହଇରାଣ କରିବା ସହ କମେଣ୍ଟ ମାରିଥିଲେ। ସ୍ଥାନୀୟ ଲୋକେ ୨ଜଣଙ୍କୁ କାବୁ କରିଥିବା ବେଳେ ୩ଜଣ ଖସି ପଳାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ନାବାଳକଙ୍କୁ ଥାନାକୁ ଆଣିଥିଲେ। ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

### ମୁଣ୍ଡାସାହିରେ ୨ ଘରୁ ଚୋରି

**ବାରଙ୍ଗ,୧୧।୧୦(ଡି.ଏନ୍.ଏ.):** ବାରଙ୍ଗ ଥାନା ପଛପଟରେ ଥିବା ମୁଣ୍ଡାସାହିରୁ ଗୁରୁବାର ବିଳମ୍ବିତ ରାତିରେ ଦୁଇଜଣଙ୍କ ଘରୁ ଚୋରି ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ମୁଣ୍ଡାସାହିର ଗୁରୁବାରି ମୁର୍ମୁ ଓ କିନ୍ନର ଲକ୍ଷ୍ମୀଧର ସିଂ ରାତିରେ ଘରେ ନ ଥିଲେ। ଏହି ସୁଯୋଗରେ ଚୋରମାନେ ଗୁରୁବାରିଙ୍କର ଆଜବେଷ୍ଟସ ଖୋଲି ଘରଭିତରେ ପଶି ଟିଭି ଓ ବାସନକୁସନ ନେଇଯାଇଛନ୍ତି। ସେହିଭଳି ବାତ୍ୟାରେ ଲକ୍ଷ୍ମୀଧରଙ୍କ ଆଜବେଷ୍ଟସ ଭାଙ୍ଗିଯାଇ ଥିବାବେଳେ ଘର ଉପରେ ପଡିଥିବା ପାଲକୁ ଚୋରମାନେ କଣାକରି ସୁନା ଅଳଙ୍କାର ଓ ୬୦ହଜାର ଟଙ୍କାର କଏନ ନେଇଯାଇଛନ୍ତି। ପୋଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛି।

■ପୋତି ଦିଆଯାଉଛି ନଦୀ ଅବବାହିକା

# ସଙ୍କୁଚିତ ହେଉଛି ଗଙ୍ଗୁଆ, ଝରିଆ ନଦୀ

ପୁରୁଣା ଭୁବନେଶ୍ୱର/ଜଟଣୀ, ୧୧।୧୦ (ଡି.ଏନ.ଏ.)

ରାଜଧାନୀରେ ଜନସଂଖ୍ୟା ବଢୁଛି। ସେହି ଅନୁପାତରେ ଆବଶ୍ୟକ ସଂଖ୍ୟକ ଗୃହ ନିର୍ମାଣ ହେଉଛି। ବିଲଡରମାନେ ଗୃହ ପାଇଁ ସରକାରୀ କର୍ମଚାରୀଙ୍କୁ ହାତ କରି ବିଭିନ୍ନ ପ୍ରାକୃତିକ ଜଳଉତ୍ସ ଓ ନଦୀ ଅବବାହିକା ପୋତି ଦେଉଥିବାରୁ ଏହା ସଙ୍କୁଚିତ ହୋଇଗଲାଣି। ନଦୀ ଓ ନାଳଠାରୁ ଏକ ନିର୍ଦ୍ଦିଷ୍ଟ ଦୂରତା ମଧ୍ୟରେ କୌଣସି ନିର୍ମାଣ ହେବନାହିଁ ବୋଲି ସରକାରୀ କଟକଣା ରହିଛି। ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ ମଧ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କୁ ତାଗିଦ୍ କରିଛନ୍ତି। ହେଲେ ଏସବୁ ନୀତିନିୟମ କେବଳ କାଗଜକଲମରେ ରହିଯାଉଛି। ସମ୍ପ୍ରତି ଗଙ୍ଗୁଆ ନଦୀ ଏହାର ଜ୍ୱଳନ୍ତ ଉଦାହରଣ। ଏକଦା ଗନ୍ଧବତୀ ନଦୀ ନାମରେ ଖ୍ୟାତି ଥିବା ଏହି ଜଳଉତ୍ସଟି ବର୍ତ୍ତମାନ ସତ୍ତା ହରେଇଲାଣି। ନଦୀର ଉଭୟପାର୍ଶ୍ୱ ପଠା ଜବରଦଖଲ ହୋଇସାରିଛି। ନୂତନ ଭାବେ ଅନେକ କଲୋନୀ ଗଢ଼ି ଉଠିଥିବାରୁ ଏହା ସମ୍ପୂର୍ଣ୍ଣ ଭାବେ ସଙ୍କୁଚିତ ହୋଇଗଲାଣି।

### ଚେକ୍ ଡ୍ୟାମ ନିର୍ମାଣ ଶେଷ କରିବାକୁ ଚାଷୀଙ୍କ ଦାବି



ଚାନ୍ଦୁଆ ନଦୀ।

ଅନ୍ୟପକ୍ଷେ ରାଜଧାନୀର ମୁଖ୍ୟ ୯ଟି ଡ୍ରେନ ସଂଯୋଗ ଯୋଗୁ ଏହା ପ୍ରଦୂଷିତ ନାଳର ଆଖ୍ୟା ପାଇଲାଣି। ସେହିଭଳି ରାଜଧାନୀ ନିକଟ ଝରିଆ ନଦୀ, ଯାହାକି ପ୍ରଧାନସାହି, ବିରିବନ୍ଧ, ଜାମୁକୋଳି ଆଦି ଗ୍ରାମ ଦେଇ ଗଙ୍ଗୁଆରେ ମିଶିଛି। ପ୍ରାକୃତିକ ଜଳଉତ୍ସଗୁଡିକର ମଧ ଗଙ୍ଗୁଆ ନଦୀ ଭଳି ଅନୁରୂପ ଅବସ୍ଥା ପାଲଟିଛି। ଅବବାହିକା ପୋତା ହୋଇଯିବା, ବେଆଇନ ନିର୍ମାଣ କାରଣରୁ ଝରିଆ, ଚାନ୍ଦୁଆ ନଦୀ ଗତିପଥ ବଦଳାଇ ଚାଷୀ ଓ ଚାଷ ପ୍ରତି ବିପଦ ସୃଷ୍ଟି କରିଛି ବୋଲି ଚାଷୀମାନେ କହିଛନ୍ତି। ଜଳସେଚନ ବିଭାଗ ପକ୍ଷରୁ ବିରିବନ୍ଧ ନିକଟରେ ଝରିଆ ନଦୀରେ ୨ ଟି ଚେକ୍ ଡ୍ୟାମ ନିର୍ମାଣ ଅଧାପନ୍ତରିଆ ଭାବେ ପଡିରହିଛି। ଚାଷୀ ବନ୍ୟାଦାଉରୁ ରକ୍ଷା ପାଇ ପାରୁନାହାନ୍ତି। ଏଣୁ ଆଗାମୀ ଦିନରେ ପ୍ରଶାସନିକ ସ୍ତରରେ ଜଳସେଚନର ଉନ୍ନତି କରିବାକୁ ଗଙ୍ଗୁଆ, ଝରିଆ ଓ ଚାନ୍ଦୁଆ ନଦୀ କୂଳବାସୀ ଦାବି କରିଛନ୍ତି।

### ଏମାନେ ଯାହା କୁହନ୍ତି...

**ନଦୀ ଉପରେ ନିର୍ଭର କରୁଥିଲେ ଲୋକେ**

ଦିନ ଥିଲା ଏହି ଅଞ୍ଚଳର ପ୍ରାୟ ସବୁ ପଞ୍ଚାୟତବାସୀ ଝରିଆ, ଚାନ୍ଦୁଆ ଓ ଗଙ୍ଗୁଆ ନଦୀ ଉପରେ ନିର୍ଭର କରୁଥିଲେ। ବିରିବନ୍ଧ, ଜାମୁକୋଳି, ପ୍ରଧାନସାହି ଆଦି ଅଞ୍ଚଳ ଦେଇ ନଦୀଗୁଡିକ କୁକୁଡ଼ାଘାଇ, ଜୟପୁର, ଇଟିପୁର, ବିକିପୁର ପ୍ରଭୃତି ଗ୍ରାମ ଦେଇ ପ୍ରବାହିତ ହୋଇଛି।

**–ଦୁଃଶାସନ ମହାନ୍ତି, ଚାଷୀ, ପ୍ରଧାନସାହି**

**ନାଳ ପ୍ରତି ଜଳସେଚନ, କୃଷି ବିଭାଗ ଦୃଷ୍ଟି ଦେଉ**

କାଡ଼ାନାଳ, ଚକନାଳ ଓ ନଦୀ ପ୍ରତି ଜଳସେଚନ ଏବଂ କୃଷି ବିଭାଗ ଦୃଷ୍ଟି ନ ଦେବା ଯୋଗୁ ଆମ ଅଞ୍ଚଳର ଅନେକ ଚାଷୀ ଚାଷ ଛାଡି ଦୋକାନ ବଜାର ସହ ଦିନ ମଜୁରି କାମ କଲେଣି। ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା କଲୋନୀର ବର୍ଜ୍ୟବସ୍ତୁ ଝରିଆ ଓ ଚାନ୍ଦୁଆ ନଦୀକୁ ଛାଡ଼ି ଦିଆଯାଉଛି। ଏହାଦ୍ୱାରା ଜମି ଚାଷ ଉପଯୋଗୀ ହୋଇ ରହୁନାହିଁ। ବିଭିନ୍ନ ସ୍ଥାନରେ ବନ୍ଧ ନ ଥିବା ଯୋଗୁ ବର୍ଷାଦିନେ ବନ୍ୟା ପ୍ରକୋପ ଦାଉ ସାଧୁଛି।

**–ହେମନ୍ତ ଜେନା, ଚାଷୀ, ବିରିବନ୍ଧ**

**ଚେକ୍‌ଡ୍ୟାମ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ**

ଅସମ୍ପୂର୍ଣ୍ଣ ଚେକ୍ ଡ୍ୟାମ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ। ନଦୀ ଅବବାହିକା ଉପରୁ ବେଆଇନ ଭାବେ ହୋଇଥିବା ନିର୍ମାଣ ଭଙ୍ଗାଯିବା ସହ ଚାଷୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**–ବାସୁଦେବ ମାହାରୀ, ବିଡିଓ, ଜଟଣୀ**

## ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ

ବାଙ୍କୀ,୧୧।୧୦(ସ୍ୱ.ପ୍ର.)

ବାଲି ବୋଝେଇ ହାଇୱା ଧକ୍କାରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଙ୍କୀ ଥାନା ଅଧୀନ ବ୍ରହ୍ମପୁରା ଗ୍ରାମର ସୂର୍ଯ୍ୟମଣି ସାହୁଙ୍କ ପୁଅ ଅନ୍ତର୍ଯ୍ୟାମୀ ସାହୁ(୨୨)। ହାଇୱାଟି ବାଲି ବୋଝେଇ କରି ବାଙ୍କୀରୁ କଳାପଥର ରାସ୍ତାରେ ଯିବାବେଳେ ବ୍ରହ୍ମପୁରା ଛକଠାରେ ଠିଆ ହୋଇଥିବା ଅନ୍ତର୍ଯ୍ୟାମୀଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅନ୍ତର୍ଯ୍ୟାମୀଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବାଙ୍କୀ ଥାନା ଅଧିକାରୀ ସମୀର କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ହାଇୱାକୁ ଜବତ କରିଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଥାନା ଅଧିକାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଖବର ଲେଖା ହେବାବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ମୃତକ ଜଣକ ଏକ ଗରିବ ପରିବାରର। ତାଙ୍କ ବାପା ଦିନମଜୁରିଆଭାବେ କାମକରି ପରିବାର ଚଳାଉଛନ୍ତି। ତେଣୁ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

■ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ

## ଜୟପ୍ରକାଶ ଦେଶକୁ ଦ୍ୱିତୀୟ ସ୍ୱାଧୀନତା ଦେଇଥିଲେ

**ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)**



ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ସାଧାରଣ ଗରିବ ଶ୍ରେଣୀର ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଦିଗରେ ଜୟପ୍ରକାଶ ନାରାୟଣ କାର୍ଯ୍ୟ କରୁଥିଲେ। ସେ ଶୋଷଣହୀନ ସମାଜ ଗଠନ କରିବା ନିମନ୍ତେ ଅହରହ ଉଦ୍ୟମ ଚଳାଇଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀ ଭାରତବର୍ଷକୁ ଏକ ନୂତନ ଦିଶା ଦେବା ସହିତ ସ୍ୱାଧୀନତା ଆଣିଥିଲେ। ଗାନ୍ଧିଜୀଙ୍କ ପରେ ଜୟପ୍ରକାଶ ଦେଶକୁ ଅର୍ଥନୈତିକ କ୍ଷେତ୍ରରେ ପରିବର୍ତ୍ତନ ଆଣି ଦ୍ୱିତୀୟ ସ୍ୱାଧୀନତା ଦେଇଥିଲେ ବୋଲି ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ମତବ୍ୟକ୍ତ କରିଛନ୍ତି।

ଶୁକ୍ରବାର ଇଉ୍‌କଲ ଅଡ଼ିଟୋରିୟମରେ ଜୟପ୍ରକାଶ ଫାଉଣ୍ଡେଶନ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୭ତମ ଜୟନ୍ତୀ ଉତ୍ସବ ଓ ସ୍ମାରକୀ ବକ୍ତୃତା ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ହରିବଂଶ ଯୋଗଦେଇ କହିଥିଲେ, ଗାନ୍ଧୀଙ୍କ ପରି ଜୟପ୍ରକାଶ ମଧ କେବେ କ୍ଷମତା ରାଜନୀତି ପ୍ରତି ଆକୃଷ୍ଟ ହୋଇ ନ ଥିଲେ କିମ୍ବା ନିର୍ବାଚନ ଲଢି ନ ଥିଲେ। ତାଙ୍କୁ ୩ ଥର ପ୍ରଧାନମନ୍ତ୍ରୀ ପଦ ଯଚା ଯାଇଥିଲେ ମଧ ସେ ସେଥିପ୍ରତି ଆଗ୍ରହ ପ୍ରକାଶ କରି ନ ଥିଲେ। ତେଣୁ ଜନସାଧାରଣ ତାଙ୍କୁ ଲୋକନାୟକ ଆଖ୍ୟା ଦେଇଥିଲେ। ହରିବଂଶ ଏଥିସହିତ ଅର୍ଥନୈତିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

ଉତ୍ସବରେ ସମ୍ମାନିତ ଅତିଥି ଭାବେ ଔପନ୍ୟାସିକ ତଥା ସମାଜବାଦୀ ନେତା ଡ. ବିଭୂତି ପଟ୍ଟନାୟକ, 'ଓଡ଼ିଶା ଭାସ୍କର'ର ପରିଚାଳନା ନିର୍ଦ୍ଦେଶକ ମଧୁ ମହାନ୍ତି, ଶ୍ରମିକ ନେତା କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ଏମ୍‌ପି ନଗେନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ମୁନା ଖାଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମାଜିକ କର୍ମୀ ଚିତ୍ତ ରଞ୍ଜନ ମହାନ୍ତି, ମୀନକେତନ, ବିଶ୍ୱନାଥ ଧଳ, ପ୍ରଶାନ୍ତ ମିଶ୍ର, ଆଇନଜୀବୀ ଶିଶିର ଦାସ, ଶ୍ରମିକ ନେତା ଯୋଗେନ୍ଦ୍ର ତ୍ରିପାଠୀ ଏବଂ ଉତ୍ତମ କାର୍ଯ୍ୟ ପାଇଁ 'ଲାଭ୍‌ସ' ଅନୁଷ୍ଠାନକୁ ଲୋକନାୟକ ସମ୍ମାନ–୨୦୧୯ରେ ସମ୍ମାନିତ କରାଯାଇଥିଲା। ଏଥିସହ ଫାଉଣ୍ଡେଶନର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଉତ୍ସବରେ ଫାଉଣ୍ଡେଶନର ସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି ଅଧକ୍ଷତା କରିଥିବାବେଳେ ସମ୍ପାଦକ ପଞ୍ଚାନନ ସେନାପତି ଅତିଥି ପରିଚୟ ଓ ପ୍ରାରମ୍ଭିକ ଭାଷଣ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଭାସ ସାମନ୍ତରାୟ ଉତ୍ସବକୁ ପରିଚାଳନା କରିଥିଲେ।

## ଠକିବାକୁ ଆସି ଫସିଗଲେ ୩ କର୍ମଚାରୀ

**ଖୋର୍ଦ୍ଧା ଅଫିସ, ୧୧।୧୦:**

ଲୋଭ ବାଟବଣା କରିଦେଲା। ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ୪୦ ହଜାର ଟଙ୍କାର ଋଣ କରାଇବାର ପ୍ରତିଶ୍ରୁତି ଦେଇ ୧୫୦୦ ଟଙ୍କା ଇନ୍ସୁରାନ୍ସ ବାବଦକୁ ଠକି ନେଇଥିବା ଫାଇନାନ୍ସ ସଂସ୍ଥାର ୩ ଜଣ କର୍ମଚାରୀ ଶୁକ୍ରବାର ଫସି ଯାଇଛନ୍ତି। ଉକ୍ତ ଠକ କର୍ମଚାରୀଙ୍କୁ ମହିଳା ସଦସ୍ୟାମାନେ କାବୁ କରି ବେଗୁନିଆ ଥାନା ପୋଲିସ ଜିମା ଦେଇଛନ୍ତି। ପୋଲିସ ୩ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ଜଣେ ମହିଳା ୧୫ ଶହ ଟଙ୍କା ଇନ୍ସୁରାନ୍ସ ବାବଦକୁ ଦେଲେ ୪୦ ହଜାର ଟଙ୍କା ଋଣ ମିଳିବ। ଏହି ସୁବିଧା କେବଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ନେଇ ପାରିବେ। ଜଣେ ମହିଳା ଆସି ବଡବେରଣା ଅଞ୍ଚଳରେ ଏଭଳି ପ୍ରତିଶ୍ରୁତି ଦେଇ ଗୋଟିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୪୫ ସଦସ୍ୟାଙ୍କଠାରୁ ୧୫୦୦ ଟଙ୍କା ଗତ ୬ ତାରିଖରେ ନେଇ ଯାଇଥିଲେ। ହେଲେ ଋଣ ଦେଇ ନ ଥିଲେ। ଟଙ୍କା ନେବା ପରେ ଉକ୍ତ ମହିଳାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ତେବେ ଉକ୍ତ ମହିଳା ନିଜର କେତେଜଣ ସହଯୋଗୀଙ୍କ ଦ୍ୱାରା ବେଗୁନିଆ ବ୍ଲକର ଗୋଟିଏ ଗାଁ ପରେ ଅନ୍ୟ ଗାଁକୁ ଟାର୍ଗେଟ କରି ତା'ର ଠକେଇ ଚାଲୁ ରଖିଥିଲା। ଗେଡିଆପଲ୍ଲୀର ଆଦିବାସୀସାହିରେ ଏହି ସଂସ୍ଥା ଦ୍ୱାରା ଏକ ସ୍ୱୟଂ ସହାୟିକା ଗୋଷ୍ଠୀର କେତେଜଣ ସଦସ୍ୟା ଠକେଇର ଶିକାର ହୋଇଛନ୍ତି। ଶୁକ୍ରବାର ମହିଳାଙ୍କ ସମେତ ଫାଇନାନ୍ସ ସଂସ୍ଥାର ୩ କର୍ମଚାରୀ ଗୋବିନ୍ଦପୁରରେ ନିଜର କାରାନାମା ଜାରି ରଖିଥିଲେ। ଖବରପାଇ ବଡବେରଣାର ମହିଳାମାନେ ଠକେଇ ସଂସ୍ଥାର ୩ କର୍ମଚାରୀଙ୍କ ସହ ଯୋଗାଯୋଗ କରି ଆଉ ଏକ ନୂଆ ଗୋଷ୍ଠୀ ଋଣ ନେବେ କହି ଡାକି ଆଣିଥିଲେ। ପରେ ସେମାନଙ୍କୁ ଅଟକ ରଖି କେଉଁ ସଂସ୍ଥା ଋଣ ଦେବ ତା'ର କାଗଜାତ ମାଗିଥିଲେ। ହେଲେ କାଗଜାତ ଦେଖାଇ ନ ପାରିବାରୁ ଜବତ କାର ସହ ଅଟକ ୩ଜଣଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ।

## 'ଦେଶର ଆର୍ଥିକ ସ୍ଥିତି ଦୁର୍ବଳ ହେଉଛି'



ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ): ବର୍ତ୍ତମାନ ଦେଶର ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଏଥିପାଇଁ ସରକାରଙ୍କ ଶାସନ ପ୍ରଣାଳୀ ଦାୟୀ। ଯେହେତୁ ଆମର ଲୋକସଂଖ୍ୟା ଅଧିକ, ସମସ୍ୟା ମଧ ଅଧିକ। ସାମଗ୍ରିକ ବିକାଶ ସହ ଆଗାମୀ ପୀଢ଼ିକୁ ବାଟ କଢ଼େଇ ନେବାକୁ ହେଲେ ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ କରିବା ନିତାନ୍ତ ଆବଶ୍ୟକ। ବିଜୟ ଭାରତ ଓଡ଼ିଶା ପକ୍ଷରୁ ଉତ୍କଳ ସାମ୍ବାଦିକ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆବାହକ ପର୍ଶୁରାମ ବିଶ୍ୱାଳ ଏହା କହିଛନ୍ତି। ସରକାରଙ୍କ ରାଜସ୍ୱ ସଂସ୍ଥାଗୁଡ଼ିକ ମଜଭୁତ୍ ହେଲେ ଦେଶ ଅଗ୍ରସର ହେବ। ଏଥିପାଇଁ ଆବଶ୍ୟକ ନିଯୁକ୍ତି ଓ ରାଜସ୍ୱ ସଂସ୍ଥାର ଉନ୍ନତି ନିହାତି ଜରୁରୀ। ସରକାରୀ ସଂସ୍ଥା ସୁଦୃଢ ନ ହେଲେ ରାଜସ୍ୱ ବୃଦ୍ଧି, କୃଷି, କଳାଧନ କାରବାର, ଭ୍ରଷ୍ଟାଚାର, ଶିକ୍ଷାରେ ଥିବା ସମସ୍ୟାଗୁଡିକ ସମାଧାନ ହୋଇପାରିବ ନାହିଁ ବୋଲି ବୋଲି ପର୍ଶୁରାମ ମତବ୍ୟକ୍ତ କରିଛନ୍ତି। ବିଜୟ ଭାରତ ଆଇନକାନୁନ୍ ପରିବର୍ତ୍ତନ, କ୍ଷମତା ହାସଲ ବା ଅର୍ଥ ଉପାର୍ଜନ କରିବା ଲକ୍ଷ୍ୟରେ ନାହିଁ। ଯଦି କୌଣସି ସରକାର ବିଜୟ ଭାରତ କଥାକୁ ଗ୍ରହଣ କରନ୍ତି ତେବେ ସଂସ୍ଥା ପୂର୍ଣ୍ଣ ସମର୍ଥନ କରିବ ବୋଲି ସମ୍ମିଳନୀରେ କୁହାଯାଇଛି। ଖବରଦାତା ସମ୍ମିଳନୀରେ ପୂର୍ବତନ ବିଚାରପତି ଉମାଚରଣ ମିଶ୍ର, ସ୍ୱେଚ୍ଛାସେବୀ ତପନ କୁମାର ପ୍ରଧାନ, କାହ୍ନୁଚରଣ ଖଟେଇ, ଏମ.ଡି.ସାନୱାର ଖାନ୍, ବିଜୟ କୁମାର ପ୍ରଧାନ ଏବଂ ଶ୍ରୀକାନ୍ତ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।

## ରାମ୍‌କୋ ପକ୍ଷରୁ ଯନ୍ତ୍ରୀ ସମ୍ମିଳନୀ




**ଭୁବନେଶ୍ୱର,୧୧-୧୦(ବ୍ୟୁରୋ)**

ରାମ୍‌କୋ ସିମେଣ୍ଟ ପକ୍ଷରୁ ଯନ୍ତ୍ରୀ ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର ଜାତୀୟ ଟେକ୍ନିକାଲ ମୁଖ୍ୟ ଅନିଲ କୁମାର ପିଲାଇ ଇଞ୍ଜିନିୟରମାନଙ୍କୁ ସମ୍ବୋଧିତ କରିଥିଲେ। କମ୍ପାନୀ ପ୍ରଡକ୍ଟର ଗୁଣବତ୍ତା ଉପରେ ସେ ଆଲୋକପାତ କରିଥିଲେ। କମ୍ପାନୀ ପକ୍ଷରୁ ଓଡିଶା ମୁଖ୍ୟ ଅବଦେଶ କୁମାର ସିଂହ, ପ୍ରୋଜେକ୍ଟ ସେଲ୍‌ସର ଇଞ୍ଜିନିୟର ଚଣ୍ଡୀ ପ୍ରସାଦ ମହାନ୍ତି, ଇଂ ଜୀବନ କୁମାର ବେହେରା, ବ୍ରାଣ୍ଡ ମ୍ୟାନେଜମେଣ୍ଟର ସିଦ୍ଧାର୍ଥ ଶଙ୍କର ସାହୁ ଏହି ଅବସରରେ ଉପସ୍ଥିତ ଥିଲେ। ଓଡ଼ିଶା ବଜାରରେ ଉନ୍ନତ ପ୍ରଡକ୍ଟ ଏବଂ ଟେକ୍ନିକାଲ ସେବା ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ବର୍ତ୍ତମାନ କମ୍ପାନୀ ପକ୍ଷରୁ ଓପିସି-୪୩, ଓପିସି-୫୩, ପିପିସି ଏବଂ ପିଏସ୍‌ସି ଭଳି ସିମେଣ୍ଟ ଉପଲବ୍ଧ ରହିଛି।

## ଭିଙ୍ଗାରପୁର ଭସାଣିରେ ୭ ମେଢ଼ ସାମିଲ

**ବାଲିଅନ୍ତା,୧୧।୧୦(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ଅଞ୍ଚଳରେ ଦୁର୍ଗାପୂଜା ଭସାଣି ଉତ୍ସବ ଶୁକ୍ରବାର ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଟି ମେଢ଼ ସାମିଲ ହୋଇଥିଲେ। ଭିଙ୍ଗାରପୁର ବଜାର ଛକସ୍ଥିତ ମା'ଙ୍କ ଦୁର୍ଗାପୂଜା ମଣ୍ଡପ ନିକଟରେ ଅପରାହ୍ନ ୪ଟାରେ ପ୍ରଥମେ ମେଢ଼ଗୁଡିକ ଏକତ୍ର ହୋଇଥିଲେ। ସେଠାରେ ପୂର୍ବରୁ କାଗଜରେ ଉଠିଥିବା ନାମ ଅନୁସାରେ ପ୍ରଥମେ ମହାଦେବ ସାହିର ମହାବୀରଙ୍କ ମୂର୍ତ୍ତି ଶୋଭାଯାତ୍ରାରେ ବାହାରିଥିଲା। ତାଙ୍କ ପଛକୁ ବଣିଆ ସାହିର ଲକ୍ଷ୍ମୀ ନାରାୟଣ, ବଜାର ସାହିର ମହାବୀର, ମୁଦୁଲି ସାହିର ଲକ୍ଷ୍ମୀ ନାରାୟଣ, ମହାଦେବ ସାହିର ମହାଦେବ, ରାମଚନ୍ଦ୍ରପୁରର ରାମ, ଲକ୍ଷ୍ମଣ ଓ ସୀତା ଏବଂ ସର୍ବାଶେଷରେ ମା' ଦୁର୍ଗାଙ୍କ ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ବିଭିନ୍ନ ପୂଜା କମିଟି ପକ୍ଷରୁ ଢ଼ୋଲ, ମର୍ଦ୍ଦଳ, ଘଣ୍ଟ, ଷଣ୍ଢ, ଘୋଡ଼ା ନାଚ ଆଦି ପାରମ୍ପରିକ ଲୋକ ନୃତ୍ୟ ଓ ବାଦ୍ୟ ପ୍ରମୁଖ ଆକର୍ଷଣ ସାଜିଥିଲା। ସବୁ ଦେବଦେବୀଙ୍କୁ ଶୋଭାଯାତ୍ରାରେ ଆଗରେ ପଠାଇ ଶେଷରେ ଏକମାତ୍ର ମା' ଦୁର୍ଗା ମେଲାଣି ନେଇଥାନ୍ତି ବୋଲି ଶକ୍ତି କମିଟିର ବରିଷ୍ଠ ସଭ୍ୟ ବଟକୃଷ୍ଣ ପଣ୍ଡା କହିଛନ୍ତି। ଶାନ୍ତି କମିଟିର ମୁଖ୍ୟ ସରପଞ୍ଚ ପ୍ରତିନିଧି ମାନସା ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ ସଭ୍ୟ ଉପସ୍ଥିତ ରହି ଭସାଣିକୁ ପରିଚାଳନା କରିଥିଲେ। ବାଲିଅନ୍ତା ଥାନାଧିକାରୀ ପ୍ରଦୀପ କୁମାର ରାଉତ ୨ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଭସାଣିରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ସାଲେପୁର,୧୧।୧୦(ଡି.ଏନ.ଏ.)**

୩ଦିନ ତଳେ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ସାଲେପୁର ବ୍ଲକ ଅଧୀନ ତେନ୍ତୋଳ ନିକଟସ୍ଥ ନିମଗାଦି ନିକଟରେ ଥିବା ଚିତ୍ରୋତ୍ପଳା ନଦୀରୁ ଉଦ୍ଧାର କରାଯାଇଛି। ସେ ହେଲେ ଜଗତ୍‌ପୁର ଥାନା ଅଧୀନ ବାଲିସାହି ଗ୍ରାମର ମହେନ୍ଦ୍ର ପାତ୍ରଙ୍କ ପୁଅ ବଳରାମ(୧୮)। କୌଣସି କାରଣରୁ ବଳରାମ ଘରୁ ଯାଇ ଆଉ ଫେରି ନ ଥିଲେ। ପୁଅ ନିଖୋଜ ନେଇ ମହେନ୍ଦ୍ର ଜଗତ୍‌ପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଦୀରେ ଭାସିଯାଇଥିବା ନେଇ ସନ୍ଦେହ ହେବାରୁ ପୋଲିସ୍ ପକ୍ଷରୁ ଓଡ୍ରାଫ୍ ଟିମ୍ ଓ ଦମକଳ ବିଭାଗକୁ ଖବର ଦିଆଯାଇଥିଲା। ପରେ ସେମାନେ ଖୋଜାଖୋଜି କରିଥିଲେ। ସକାଳେ ତେନ୍ତୋଳ ଗ୍ରାମ ନିକଟରେ ଥିବା ନଦୀରେ ବଳରାମଙ୍କ ମୃତଦେହ ଭାସୁଥିବା ଜଣାପଡ଼ିବା ପରେ ଓଡ୍ରାଫ୍ ଟିମ୍ ଉଦ୍ଧାର କରିଥିଲା। ପରେ ସାଲେପୁର ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ନଂ-୧୮/୧୯ ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି।



ରାଜଧାନୀ ଉପକଣ୍ଠ ଭିଙ୍ଗାରପୁରର ଦୁର୍ଗାପୂଜା ଭସାଣିରେ ବାହାରିଥିବା ଏକ ମେଢ।

## ଫଟୋରେ ଖବର




ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ଭାରତ ଗସ୍ତକୁ ବିରୋଧ କରି ଶୁକ୍ରବାର କଳିଙ୍ଗ ସେନା ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍‌ଠାରେ ତାଙ୍କ ଫଟୋଚିତ୍ରକୁ ଦାହ କରୁଛନ୍ତି।



**ବିପଦକୁ ବେଖାତିର:** ଭୁବନେଶ୍ୱର-କଟକ ଜାତୀୟ ରାଜପଥରେ ଏକ ଅଟୋରେ ଯାତ୍ରୀମାନେ ବିପଦସଙ୍କୁଳ ଅବସ୍ଥାରେ ଗନ୍ତବ୍ୟସ୍ଥଳକୁ ଯାଉଛନ୍ତି।

## ସଂକ୍ଷେପରେ

### ଫନୀ କ୍ଷତିଗ୍ରସ୍ତ କୁମ୍ଭକାରଙ୍କୁ ସହାୟତା ୮ଚକ ପ୍ରଦାନ କଲେ ସାମାଜିକ କର୍ମୀ

**ପୁରୀ ଅଫିସ, ୧୧।୧୦:** ପ୍ରଳୟଙ୍କରୀ ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା କୁମ୍ଭକାରମାନଙ୍କ ସହାୟତା ପାଇଁ ଆଗେଇ ଆସିଛନ୍ତି ଜଣେ ସାମାଜିକ କର୍ମୀ। ଶୁକ୍ରବାର କଟକ ନିବାସୀ ଦେବାଶିଷ ସେନାପତି ଓଡ଼ିଶା କୁରାଳ ମହାସଂଘ ସହଯୋଗରେ ୮ଟି ଚକ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ମହାସଂଘ ରାଜ୍ୟ ସଭାପତି ସରୋଜ କୁମାର ବେହେରା ଓ କମିଟି ସଦସ୍ୟ ମହେନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ଫନୀରେ ପୁରୀ ସହରର କୁମ୍ଭାରପଡା, ଟିକରପଡା,ଜେନାପୁର ସମେତ, ସଦର, ବ୍ରହ୍ମଗିରି, ସତ୍ୟବାଦୀ ପ୍ରଭୃତି ଅଞ୍ଚଳର ୧୮୦ରୁ ଉର୍ଦ୍ଧ୍ୱ କୁମ୍ଭକାର କ୍ଷତିଗ୍ରସ୍ତ ହୋଇଥିଲେ।

### ଉପନିର୍ବାଚନ ପୂର୍ବରୁ ୧୯ଲକ୍ଷ ଜବତ

**ବରଗଡ଼ ଅଫିସ/ବରପାଲି,୧୧।୧୦:** ବରଗଡ଼ ଜିଲା ବିଜେପୁର ଉପ ନିର୍ବାଚନ ଆସନ୍ତା ୨୧ତାରିଖରେ ଅନୁଷ୍ଠିତ ହେବ। ନିର୍ବାଚନକୁ ଅବାଧ, ନିରପେକ୍ଷ ଭାବେ ସମାପନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହାତକୁ ନିଆଯାଇଛି। ଏହି କ୍ରମରେ ଗୁରୁବାର ବିଳମ୍ବିତ ରାତ୍ରିରେ ବରପାଲି ନାକାପୋଷ୍ଟରେ ଗାଡ଼ିମୋଟର ଯାଞ୍ଚବେଳେ ଏକ କାର୍‌ରୁ ୧୯ଲକ୍ଷ ଟଙ୍କା ଜବତ ହୋଇଛି । କାର୍‌ଟି ଛତିଶଗଡ଼ର ଜଣେ ବ୍ୟବସାୟୀ ପରାଗ ଅଗ୍ରୱାଲଙ୍କ ବୋଲି ସୂଚନା ମିଳିଛି। ସେ ବ୍ୟବସାୟିକ କାମରେ ଟଙ୍କା ଧରି ଯାଉଥିଲେ ବୋଲି ପୋଲିସକୁ ବୟାନ ଦେଇଛନ୍ତି। ପୋଲିସ ସମ୍ପୃକ୍ତ ବ୍ୟବସାୟୀଙ୍କୁ କାର୍ ସହିତ ଛାଡ଼ି ଦେଇଥିବା ବେଳେ ଜବତ ଟଙ୍କାକୁ ବରପାଲି ବିଡ଼ିଓ ସତ୍ୟନାରାୟଣ ମେହେରଙ୍କ ଜିମା ଦେଇ ଅଧିକ ତଦନ୍ତ କରୁଛି ।

### ଯୁବକଙ୍କୁ ଦଳିଦେଲେ, ଘର ଭାଙ୍ଗିଲେ ହାତୀପଲ

**ଜଳେଶ୍ୱର, ୧୧।୧୦:** ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଶ୍ୟାମନଗର ପଞ୍ଚାୟତ ଘଷିପଦା ଗ୍ରାମର ବାହାଦୁର ମାରାଣ୍ଡି ଶୁକ୍ରବାର ଭୋର୍ ସମୟରେ ପାଖ ଜଙ୍ଗଲକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ସେ ହାତୀପଲ ହାବୁଡରେ ପଡିଥିଲେ। ହାତୀମାନେ ତାଙ୍କୁ ଆକ୍ରମଣ କରି ଗୋଡ଼ରେ ଦଳି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏହି ପଲରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ହାତୀ ଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀ ଏ ବିଷୟରେ ରାଇବଣିଆ ଥାନା କୁଶଗଡ଼ ଫାଣ୍ଡି ଅଧିକାରୀଙ୍କୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଆସି ମୃତଦେହ ଉଦ୍ଧାର କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଅନ୍ୟପକ୍ଷରେ କିଛିଦିନ ଧରି ନୟାଗ୍ରାମ ଜଙ୍ଗଲରୁ ଏହି ହାତୀପଲ ବାହାରି ରାଇବଣିଆ, ଖୁଆଡ଼, ଶ୍ୟାମନଗର ଆଦି ଗ୍ରାମରେ ପଶି ଫସଲ ନଷ୍ଟ କରିବା ସହିତ ବହୁ ଘରଦ୍ୱାର ନଷ୍ଟ କରୁଛନ୍ତି। ଏହି ଅଞ୍ଚଳର ବୁଧିଆ ମୁର୍ମୁ, ଉଦ ହାଁସଦା, ଲୁସୁ ହାଁସଦା, ରାମଜିତ ହାଁସଦା, ନବ ମାଣ୍ଡି ଓ ଗୁଣ୍ଡେ ହାଁସଦାଙ୍କ ଘର ହାତୀପଲ ଭାଙ୍ଗି ଦେଇଥିବାର ଜଣାପଡ଼ିଛି। ଏହି ହାତୀପଲ ଏବେ ଖଡ଼ିକା ଅଞ୍ଚଳକୁ ମୁହାଁଇଥିବା ଖବର ମିଳିଛି।

### କେନ୍ଦ୍ରୀୟ ବିଦ୍ୟାଳୟ-୨ର ନୂଆ କୋଠା ଉଦ୍‌ଘାଟିତ

**ସମ୍ବଲପୁର,୧୧।୧୦(ବ୍ୟୁରୋ):** ସମ୍ବଲପୁର ଜିଲା ବୁର୍ଲାରେ ନବ ନିର୍ମିତ କେନ୍ଦ୍ରୀୟ ବିଦ୍ୟାଳୟ-୨ର ନୂଆ କୋଠାକୁ ଶୁକ୍ରବାର କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସ୍କୁଲ ପରିସରରେ ଅତିଥିଭାବେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ସମ୍ବଲପୁର ବିଧାୟକ ଜୟନାରାୟ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ସମ୍ବଲପୁର ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, କେନ୍ଦ୍ରୀୟ ବିଦ୍ୟାଳୟ ଅତିରିକ୍ତ କମିଶନର ଟି.ପୁରେନା ରାଓ, ସଦସ୍ୟ ମୁରଲୀଧର ସାହୁ, ବିରଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ଅଧ୍ୟକ୍ଷ ଗଣେଶ ପ୍ରଧାନ କହିଛନ୍ତି ଯେ, ୨୦୧୫ରୁ ସ୍କୁଲରେ ପାଠ ପଢା ହେଉଛି । ଏବେ ୩୭୩ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର ଏହି ସ୍କୁଲ କ୍ୟାମ୍ପସ ପାଇଁ ୮ ଏକର ଜମି ଦେଇଛନ୍ତି । ୨ ମହଲା ବିଶିଷ୍ଟ ନୂଆ କୋଠାରେ ୪୫ଟି କୋଠରି ରହିଛି । ଏଥିପାଇଁ ୧୬.୪୭ କୋଟି ବ୍ୟୟ ହୋଇଛି।

# ଓଡ଼ିଶାକୁ ୩ କାୟାକଳ୍ପ ପୁରସ୍କାର

## ଜିଲା ମୁଖ୍ୟ ଚିକିତ୍ସାଳୟ ବର୍ଗରେ ରାୟଗଡ଼ା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବର୍ଗରେ ଡୁଙ୍ଗୁରିପାଲି ପ୍ରଥମ

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)






କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ହର୍ଷବର୍ଦ୍ଧନଙ୍କଠାରୁ ଡୁଙ୍ଗୁରିପାଲି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଡା. ପାର୍ଥ ପ୍ରତିମ ପଣ୍ଡା ପୁରସ୍କାର ଗ୍ରହଣ କରୁଛନ୍ତି।

ଓଡ଼ିଶାକୁ ୩ଟି କାୟାକଳ୍ପ ପୁରସ୍କାର ମିଳିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ବର୍ଗରେ ରାୟଗଡ଼ା ପ୍ରଥମ ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଦ୍ୱିତୀୟ ପୁରସ୍କାର ଲାଭ କରିଛି। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବର୍ଗରେ ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଥମ ପୁରସ୍କାର ପାଇଛି। ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ସର୍ବଭାରତୀୟ କାୟାକଳ୍ପ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ୍ କନ୍‌ଭେନ୍‌ଶନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ହର୍ଷବର୍ଦ୍ଧନ ଏହି ଉତ୍ସବରେ ଯୋଗଦେଇ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଉତ୍ସବରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ, ବିଭାଗୀୟ ସଚିବ ପ୍ରୀତି ସୁଦାନ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ମନୋଜ ଜିଲାନୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଡାକ୍ତରଖାନାର ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା ପାଇଁ ପ୍ରତିବର୍ଷ ଜିଲା, ସବ୍‌ଡିଭିଜନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଥାଏ। ୨୦୧୪ ମସିହାରୁ ଏହି ପୁରସ୍କାର ଆରମ୍ଭ ହୋଇଥିଲା। ପୂର୍ବରୁ ୬ଟି ବିଭାଗ ଯଥା ଡାକ୍ତରଖାନା ସୁପରିଚାଳନା, ପରିଷ୍କାର ପରିଚ୍ଛନ୍ନତା, ସଂକ୍ରମଣ ପ୍ରତିରୋଧକ, ବର୍ଜ୍ୟବସ୍ତୁ ପରିଚାଳନା, ସହାୟକ ସେବା ଏବଂ ହାଇଜେନିକ୍ ପ୍ରମୋଶନ ଆଦି ବର୍ଗରେ ପୁରସ୍କାର ଦିଆଯାଉଥିବାବେଳେ ପ୍ରଥମ ଥର ପାଇଁ ୨୦୧୮-୧୯ ବର୍ଷରେ ଡାକ୍ତରଖାନା ପରିସର ବାହାରେ ବିଭିନ୍ନ ବର୍ଗକୁ ଏଥିରେ ସାମିଲ କରାଯାଇଛି। ୨୦୧୮-୧୯ ମସିହାରେ ଓଡ଼ିଶାର ୬ଟି ଜିଲା ମୁଖ୍ୟ ଚିକିତ୍ସାଳୟ, ୫ଟି ଉପଖଣ୍ଡ ଚିକିତ୍ସାଳୟ, ୪୩ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୮୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୪୨ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏହି ପୁରସ୍କାର ପାଇବା ପାଇଁ ରାଜ୍ୟସ୍ତରରେ ମନୋନୀତ ହୋଇଥିଲେ। ଓଡ଼ିଶା ତରଫରୁ ଡା. ଶକ୍ତିବ୍ରତ ମହାନ୍ତି ରାୟଗଡା ପାଇଁ ପୁରସ୍କାର ଗ୍ରହଣ କରିଥିବାବେଳେ କ୍ୟାପିଟାଲ ହସ୍ପିଟାଲ ପାଇଁ ନିର୍ଦ୍ଦେଶକ ଡା. ଅଶୋକ ପଟ୍ଟନାୟକ ଏବଂ ଡୁଙ୍ଗୁରିପାଲି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଡା. ପାର୍ଥ ପ୍ରତିମ ପଣ୍ଡା ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଓଡ଼ିଶାର ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ଡା. ବିଜୟ କୁମାର ସ୍ୱାଇଁ ଏବଂ ଡା. ମନୋରଞ୍ଜନ ମହାପାତ୍ର ଏହି ଉତ୍ସବରେ ଯୋଗଦେଇଥିଲେ।

### ଭୁବନେଶ୍ୱର ଏମ୍ସ ପୁରସ୍କୃତ

**ପାତ୍ରପଡ଼ା (ଡି.ଏନ୍.ଏ.):** ଭୁବନେଶ୍ୱର ଏମ୍ସକୁ ମଧ୍ୟ ଚଳିତବର୍ଷ କାୟାକଳ୍ପ ପୁରସ୍କାର ମିଳିଛି। ଦେଶର ୨୪ଟି ମେଡିକାଲ ମଧ୍ୟରୁ ବିନୋବା ଭାବେ ହସ୍ପିଟାଲକୁ ପ୍ରଥମ ଓ ଭୁବନେଶ୍ୱର ଏମ୍ସକୁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଉତ୍ସବରେ ଏମ୍ସ ନିର୍ଦ୍ଦେଶିକା ଡା. ଗୀତାଞ୍ଜଳି ବଟମାନ୍‌ବେନ୍ ଯୋଗଦେଇ ପୁରସ୍କାର ଗ୍ରହଣ କରିଥିଲେ।

## ମତ ମନ୍ତବ୍ୟ



➤ବିଶ୍ୱର ଅର୍ଦ୍ଧାଧିକ ଲୋକ ଜଳବାୟୁ ପରିବର୍ତ୍ତନ ଉପରେ ସଚେତନ ହୋଇ ପଦକ୍ଷେପ ନେବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଶତାଧିକ ସହର ୨୦୫୦ ସୁଦ୍ଧା ଏହା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ସମ୍ଭବ ହୋଇପାରିବ ବୋଲି ମତ ଦେଇଛନ୍ତି। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଉଚିତ।

*-ଆଣ୍ଟୋନିଓ ଗୁଟରେସ୍, ଜାତିସଂଘ ମହାସଚିବ*



➤ବୁଲା ବିକାଳିଙ୍କ ବିନା ସହର ଚାଲିବା କଷ୍ଟକର। କେବଳ ସେମାନଙ୍କୁ ସୁବ୍ୟବସ୍ଥିତ କରି ଲୋକମାନେ ଯେମିତି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟିଦେବା ଦରକାର।

*-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ*



➤ଚାଇନା ରାଷ୍ଟ୍ରପତି ଜି. ଜିନପିଙ୍ଗଙ୍କ ସହ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡୋକଲାମ, ହୁଆୱେଇ ଓ ପିଓକେ ଜମି ଅଧିଗ୍ରହଣ ପ୍ରସଙ୍ଗ ଉଠାଇ ତାଙ୍କ ୫୬ ଇଞ୍ଚର ଛାତି ଦେଖାନ୍ତୁ।

*-କପିଲ ଶିବଲ, କଂଗ୍ରେସର ବରିଷ୍ଠ ନେତା*



➤ପ୍ରଧାନମନ୍ତ୍ରୀ ମୋଦି ଚାଇନା ରାଷ୍ଟ୍ରପତି ଜି. ଜିନ୍‌ପିଙ୍ଗଙ୍କୁ କଶ୍ମୀର ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ଜଣାଇବା ସହ ଭାରତ-ପାକିସ୍ତାନ ମଧ୍ୟରେ ଏହାର ସମାଧାନ ହେବବ ବୋଲି କହିବା ଉଚିତ। ଡୋକଲାମ ଛାଡ଼ିବା ପରେ ଭାରତ ସୀମାରେ କାହିଁକି ହେଲିପ୍ୟାଡ୍ କରାଯାଇଛି, ତାହା ପଚାରିବା ଦରକାର।

*-ଗୌରବ ବଲ୍ଲଭ, କଂଗ୍ରେସ ମୁଖପାତ୍ର*



➤କଶ୍ମୀରରେ ଆତଙ୍କବାଦୀମାନେ ଅସ୍ତ୍ରଶସ୍ତ୍ର ସଙ୍କଟର ସମ୍ମୁଖୀନ ହୋଇ ପୋଲିସଷ୍ଟେଶନ ଓ ଏସ୍‌ପିଓଙ୍କଠାରୁ ଲୁଟ୍ କରିବା ଆରମ୍ଭ କଲେଣି।

*-ନର୍ଦ୍ଦନ ଆର୍ମି କମାଣ୍ଡର, ଲ୍ୟୁଟ୍‌ନାଣ୍ଟ ଜେନେରାଲ ରଣବୀର ସିଂ*

# ଶ୍ରୀକ୍ଷେତ୍ରରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅବହେଳିତ





ପୁରୀ ଅଫିସ,୧୧।୧୦

ଶ୍ରୀକ୍ଷେତ୍ରର ବିକାଶ ଲାଗି ସରକାର ଗୁରୁତ୍ୱାରୋପ କରୁଛନ୍ତି। ଅନ୍ୟପଟେ ପୁରୀ ସହରରେ ଅବହେଳିତ ହୋଇପଡିଛନ୍ତି ମହାପୁରୁଷ। ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। କେଉଁଠି ମୂର୍ତ୍ତି ଭାଙ୍ଗିଗଲାଣି ତ, ଆଉ କେଉଁଠି ପ୍ରତିମୂର୍ତ୍ତିରେ ଗଛଲତା ଉଠିଲାଣି। ପୋଲିସ ଲାଇନ ହାଇସ୍କୁଲ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଅନବନା ଗଛଲତା ଉଠିଛି। ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିର ଫାଳେ ଉଡିଯାଇଛି। ମଧୁବାବୁଙ୍କ ପ୍ରତିମୂର୍ତ୍ତିର ମୁଖ ଭାଙ୍ଗିଯାଇଛି। ହରିହର ଛକ ରହିଥିବା ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତରଣ ପରେ ଏହାକୁ ଏକ କୋଣରେ ସ୍ଥାପନା କରାଯାଇଛି। ପୌରସଦନଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରୁ ପ୍ଲାଷ୍ଟର ଛାଡ଼ିଲାଣି। ଦିଗବାରେଣୀ ଖୁଣ୍ଟି ନିକଟରେ ଥିବା ବିବେକାନନ୍ଦ ଏବଂ ବିଭିନ୍ନ ସ୍କୁଲ, ଶିକ୍ଷାନୁଷ୍ଠାନ ମାନଙ୍କରେ ରହିଥିବା ପ୍ରତିମୂର୍ତ୍ତି ଭାଙ୍ଗିରୁଜି ଗଲାଣି। ଗତ ଫନୀ ବାତ୍ୟାରେ ଷ୍ଟେଶନ ବଜାରଠାରେ ରହିଥିବା ପ୍ରଥମ ସ୍ୱାଧିନତା ସଂଗ୍ରାମୀ ଜୟୀରାଜଗୁରୁଙ୍କ ଫାଇବର ମୂର୍ତ୍ତି ଭାଙ୍ଗିଯିବା ପରେ ଏହା ବର୍ତ୍ତମାନ ସଂସ୍କୃତିଭବନଠାରେ ପଡିଛି। କେବଳ ଜନ୍ମଜୟନ୍ତୀ ଏବଂ ଶ୍ରାଦ୍ଧବାର୍ଷିକୀ ଆସିଲେ, ଏହି ପ୍ରତିମୂର୍ତ୍ତି କଥା ମନେ ପଡେ। ତା ପରେ ୩୬୫ଦିନ ଅଳିଆ ଆର୍ବଜନା ମଧ୍ୟରେ ରହିଥାଏ। ଏ ସମ୍ପର୍କରେ ଜୟୀ ରାଜଗୁରୁ ସ୍ମୃତି ପରିଷଦ ସମ୍ପାଦକ ଶିବ ପ୍ରସାଦ ମିଶ୍ର କୁହନ୍ତି ଜୟୀରାଜଗୁରୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ଜିଲା ପ୍ରଶାସନ ଠାରୁ ସଂସ୍କୃତି ବିଭାଗ ପର୍ଯ୍ୟନ୍ତ ଅନୁରୋଧ କରାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁଙ୍କୁ ପଚାରିବାରେ ପ୍ରତିମୂର୍ତ୍ତି ପୁନରୁଦ୍ଧାର ଲାଗି ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

### ତିତ୍‌ଲିକୁ ବର୍ଷେ ପୂରିଲା
## କ୍ଷତିଗ୍ରସ୍ତଙ୍କୁ ଭେଟି ସମସ୍ୟା ବୁଝିଲେ ଜିଲାପାଳ

**ପାରଳାଖେମୁଣ୍ଡି,୧୧।୧୦(ସ୍ୱ.ପ୍ର.):** ବାତ୍ୟା 'ତିତ୍‌ଲି' ଦ୍ୱାରା ଗଜପତି ଜିଲା ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା। ବିଶେଷକରି ଜିଲାର ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ଗଙ୍ଗାବାଡ଼ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଏଥିରେ ବହୁ ଧନ ଜୀବନ ହାନି ଘଟିଥିବାବେଳେ ଲୋକଙ୍କୁ ଥଇଥାନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଶୁକ୍ରବାର 'ତିତ୍‌ଲି'କୁ ବର୍ଷେ ପୂରିଛି। ଏହି ଅବସରରେ ଜିଲାପାଳ ଅନୁପମ ଶାହା କ୍ଷତିଗ୍ରସ୍ତ ଅଞ୍ଚଳ ତଥା ଗଙ୍ଗାବାଡ଼ ପଞ୍ଚାୟତ ଅଧୀନ ଗଙ୍ଗାବାଡ଼, ଖଣ୍ଡିମରା, ଚମ୍ପାପୁର, ବାରଘର ଆଦି ଗ୍ରାମ ପରିଦର୍ଶନ କରି କ୍ଷତିଗ୍ରସ୍ତଙ୍କୁ ଭେଟି ଥଇଥାନ ଓ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। । ବାରଘର ଠାରେ ଜିଲାପାଳ ଲୋକଙ୍କୁ ଚକୋଲେଟ ବାଣ୍ଟିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଏହାସହ ଅଞ୍ଚଳରେ ରହିଥିବା ସମସ୍ୟା ସମ୍ପର୍କରେ ଜଣାଇଲେ ତୁରନ୍ତ ତାହାର ସମାଧାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ଏଠାରେ କହିଥିଲେ। ଅନ୍ୟପକ୍ଷରେ ପାହାଡ଼ ତଳି ଅଞ୍ଚଳରେ ବିପଦପୂର୍ଣ୍ଣ ଅବସ୍ଥାରେ ବସବାସ କରୁଥିବା ଲୋକଙ୍କୁ ବାତ୍ୟା ପରେ ସୁରକ୍ଷିତ ସ୍ଥାନକୁ ଥଇଥାନ କରାଯାଇଥିବାବେଳେ ସେଠାକାର ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ସେ ବୁଝିଥିଲେ । ଏହି ଅବସରରେ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଝିଅଙ୍କ ମାଧ୍ୟମରେ ଉନ୍ନତ ରାଷ୍ଟ୍ର ଗଠନ ସମ୍ଭବ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

ଉଡ଼ାଜାହଜ ଉଡ଼ାଇବାରୁ ଆରମ୍ଭକରି ମହାକାଶ ଗବେଷଣା ପର୍ଯ୍ୟନ୍ତ, ପ୍ରତ୍ୟେକ କ୍ଷେତ୍ରରେ ଝିଅମାନେ ନିଜ ଦକ୍ଷତା ପ୍ରତିପାଦନ କରୁଛନ୍ତି। ମହିଳାଙ୍କ ଶକ୍ତି, ସାମର୍ଥ୍ୟକୁ ଉପଯୋଗ କରି ଏକ ଉନ୍ନତ ସମାଜ ଓ ରାଷ୍ଟ୍ର ଗଠନର ସ୍ୱପ୍ନ ସାକାର ହୋଇପାରିବ। ପ୍ରତ୍ୟେକ କ୍ଷେତ୍ରରେ ଝିଅଙ୍କୁ ସମାନ ସୁବିଧା, ସୁଯୋଗ ଏବଂ ଅଧିକାର ମିଳିଲେ ଏହା ସମ୍ଭବ ହୋଇପାରିବ। ସମାନତା ପ୍ରଦାନର ସୁସ୍ଥ ପରମ୍ପରା ପ୍ରତି ପରିବାରରୁ ଆରମ୍ଭ ହେବା ଉଚିତ ବୋଲି ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ 'ସେଭ୍ ଦି ଚିଲ୍‌ଡ୍ରେନ୍'ର ମିଳିତ ସହଯୋଗରେ ସ୍ଥାନୀୟ ହୋଟେଲରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଥିଲେ, ମାତା-ପିତାମାନେ ଝିଅ ଓ ପୁଅଙ୍କ ମଧ୍ୟରେ କୌଣସି ତାରତମ୍ୟ ରଖିବା ଉଚିତ ନୁହେଁ। ଝିଅମାନଙ୍କ ମଧ୍ୟରେ ଆତ୍ମବଳ ଏବଂ ଆତ୍ମବିଶ୍ୱାସ ଆଣି ସେମାନଙ୍କୁ ଆତ୍ମପ୍ରତିଷ୍ଠିତ କରାଇବାରେ ମାତାପିତାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଡ. ମିନତି ବେହେରା କହିଥିଲେ ଯେ, ଯଦି ଝିଅଙ୍କ ମାନସିକ ଓ ଶାରୀରିକ ବିକାଶ ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଏ ତେବେ ପରବର୍ତ୍ତୀ ସମୟରେ ସେହି ଝିଅ ସମାଜ ପାଇଁ ବରଦାନ ସଦୃଶ ହୋଇଥାଏ। ଅନ୍ୟମାନଙ୍କ ମଧ୍ୟରେ ଭିନ୍ନକ୍ଷମ କମିଶନ ଅଧ୍ୟକ୍ଷା ସୁଲୋଚନା ଦାସ, ଓଡ଼ିଶା ପର୍ଯ୍ୟଟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ମହିଳା ଓ ଶିଶୁବିକାଶ ଏବଂ ମିଶନ୍‌ଶକ୍ତି ବିଭାଗ ଉପଦେଷ୍ଟା ସୁଲତା ଦେଓ, ରାଜ୍ୟ ସରକାରଙ୍କ ଶିଶୁ କଲ୍ୟାଣ ପରିଷଦ ସଦସ୍ୟ ସଚିବ କୁମାର ସୁଲତାନ, 'ସେଭ୍ ଦି ଚିଲ୍‌ଡ୍ରେନ୍' କିଶୋର କାର୍ଯ୍ୟକ୍ରମର ମୁଖ୍ୟ ପ୍ରଦୀପ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ସଶକ୍ତୀକରଣରେ ପୁରୁଷମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଓଡ଼ିଶା ଖୋ-ଖୋ ବାଳିକା ଟିମ୍‌ର ଚାମ୍ପିୟନ୍ ଅନନ୍ୟା ପ୍ରଧାନ ଯୋଗଦେଇଥିଲେ। ଅଧାରୁ ପାଠ ଛାଡ଼ୁଥିବା ଝିଅମାନଙ୍କୁ ପୁଣି ସ୍କୁଲରେ ଭର୍ତ୍ତି କରିବା, ବାଲ୍ୟବିବାହ ରୋକିବା ଭଳି ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଥିବା ୨୫ ବାଳିକାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# କିଶୋରାବସ୍ଥାରେ ବଢୁଛି ଆତ୍ମହତ୍ୟା

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



- ପ୍ରତି ୪୦ ସେକେଣ୍ଡରେ ଜଣେ କରୁଛନ୍ତି ଆତ୍ମହତ୍ୟା ଉଦ୍ୟମ

ଦିନକୁ ଦିନ ବଢ଼ିବାରେ ଲାଗିଛି ଆତ୍ମହତ୍ୟା ଘଟଣା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟାନୁଯାୟୀ ସାରା ବିଶ୍ୱରେ ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ତେବେ ସବୁଠାରୁ ଦୁର୍ଭାଗ୍ୟଜନକ ବିଷୟ ହେଲା, ଆତ୍ମହତ୍ୟା ଉଦ୍ୟମ କରୁଥିବା ବା ଆତ୍ମହତ୍ୟା କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶ କିଶୋର ବା କିଶୋରୀ ଅଟନ୍ତି। ସାମାନ୍ୟ ମାନସିକ ଚାପକୁ ପ୍ରତିହତ କରି ନ ପାରି ସେମାନେ ଆତ୍ମହତ୍ୟା ଭଳି ପନ୍ଥା ଆପଣାଇ ନେଉଛନ୍ତି। ଅଭିଭାବକମାନେ ନିଜ ପିଲାଙ୍କ ପ୍ରତିଟି ଆବଶ୍ୟକତା ପୂରଣ କରୁଥିବାରୁ ସେମାନେ ମାନସିକ ଚାପ ପରିଚାଳନା କରିବା ଦକ୍ଷତା ହାସଲ କରିପାରୁନାହାନ୍ତି। ଫଳରେ କିଶୋରାବସ୍ଥାରେ ସାମାନ୍ୟ ଅବସାଦରୁ ଅନେକ ଆତ୍ମହତ୍ୟା ଭଳି କୁତ୍ସିତ ରାସ୍ତାକୁ ଆପଣାଇ ନେଉଥିବା ଏଠାରେ ମତପ୍ରକାଶ ପାଇଛି।

ସିୱାଇଏସ୍‌ଡି ଏବଂ ହ୍ୱିମାନ୍ କନ୍ଷ୍ଟେକ୍‌ଟ୍‌ର ମିଳିତ ଆନୁକୂଲ୍ୟରେ ସିୱାଇଏସ୍‌ଡି ପରିସରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କଟକସ୍ଥିତ ମେଣ୍ଟାଲ୍‌ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଡା. ସାରଦା ପ୍ରସନ୍ନ ସ୍ୱାଇଁ କହିଥିଲେ, ସକାରାତ୍ମକ ଆବେଗ ପୋଷଣ ଓ ନକାରାତ୍ମକ ଆବେଗକୁ ନିୟନ୍ତ୍ରଣ କରିପାରିଲେ ଜଣେ ମାନସିକ ଭାବେ ଆତ୍ମହତ୍ୟା ପ୍ରବଣତାକୁ ଦୂରେଇ ଦେଇପାରିବ। କିଶୋରୀ-କିଶୋରମାନଙ୍କୁ ସମଭାବାପନ୍ନ କଥାବାର୍ତ୍ତା ଓ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ମାଧ୍ୟମରେ ସେମାନଙ୍କ ମନ କଥା ଜାଣିବା ପାଇଁ ଅଭିଭାବକମାନେ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ଡା. ସ୍ୱାଇଁ କହିଥିଲେ। ସେହିଭଳି ପିଲାମାନଙ୍କ ବ୍ୟବହାରରେ ପରିବର୍ତ୍ତନକୁ ନଜର ରଖିବା ଓ ସେମାନଙ୍କ ଭାବନାକୁ ବୁଝି ମାନସିକ ସାନ୍ତ୍ୱନା ଦେଲେ ଅନେକାଂଶରେ ଆତ୍ମହତ୍ୟାକୁ ରୋକାଯାଇ ପାରିବ ବୋଲି ଡା. ଶୁଭେନ୍ଦୁ ମିଶ୍ର ମତବ୍ୟକ୍ତ କରିଥିଲେ। ମାନମ୍ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ଅନୁରାଧା ମହାପାତ୍ର ସାମାଜିକ ଗଣମାଧ୍ୟମ ଠାରୁ ଯଥାସମ୍ଭବ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ବିଗତ ତିନି ଦଶନ୍ଧିରେ ଆମେ ବିଜ୍ଞାନ ଓ ଜ୍ଞାନକୌଶଳରେ ଅନେକ ଅଗ୍ରଗତି କରିଥିବାବେଳେ ମସ୍ତିଷ୍କର କୋଷ, କଣିକା, ଡିଏନ୍‌ଏ ଆଦିରେ ଅନେକ ଗବେଷଣା କରାଯାଇଛି। ମାତ୍ର ମନର ବିଚଳତା ଓ ରହସ୍ୟ ଖୋଜିବାରେ ଆମକୁ ଆହୁରି ଗବେଷଣାର ଆବଶ୍ୟକତା ରହିଛି। ଏଭଳିସ୍ଥଳେ ମନର ରହସ୍ୟକୁ ବୁଝିବା ଓ ଏହାର ସାଙ୍କେତିକ ବ୍ୟବହାରକୁ ଜାଣି ପାରିଲେ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଅଣାଯାଇ ପାରିବ ବୋଲି ସିୱାଇଏସ୍‌ଡି ସହପ୍ରତିଷ୍ଠାତା ଜଗଦାନନ୍ଦ କହିଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର୍ ସଚ୍ଚିଦାନନ୍ଦ ମହାନ୍ତି, ହ୍ୱିମାନ୍ କନ୍ଷ୍ଟେକ୍‌ଟ୍‌ର ନିର୍ଦ୍ଦେଶକ ସୁଶ୍ରୀ ମିଶ୍ର, ସନ୍ତୋଷ ମିଶ୍ର ପ୍ରମୁଖ ସକାରାତ୍ମକ ଭାବନା ନେଇ ବଞ୍ଚିବା ଲାଗି ପିଲାଙ୍କୁ ଶିଖାଇବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ସିୱାଇଏସ୍‌ଡିରେ ଏକ କାଉନ୍‌ସେଲିଂ ସେଣ୍ଟର୍ ଉଦ୍‌ଘାଟନ କରାଯାଇଥିଲା।

# ମାଛଚାଷରେ ମହିଳା ଏସ୍‌ଏଚ୍‌ଜି

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)

- ୬୪ ହଜାର ପଞ୍ଚାୟତ ପୋଖରୀର ୫୧ହଜାର ହେକ୍ଟରରେ କରାଯାଉଛି ମାଛଚାଷ
- ହେକ୍ଟର ପିଛା ୫ ଟନ ମାଛ ଉତ୍ପାଦନ ଲକ୍ଷ୍ୟ

ରାଜ୍ୟରେ ୬୪ ହଜାର ପଞ୍ଚାୟତ ପୋଖରୀର ୫୧ ହଜାର ହେକ୍ଟର ଅଞ୍ଚଳରେ ମାଛ ଚାଷ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ନିୟୋଜିତ କରାଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗର ମିଳିତ ଉଦ୍ୟମରେ ମହିଳା ଏସ୍‌ଏଚ୍‌ଜିଙ୍କ ଦ୍ୱାରା ମାଛ ଚାଷ ଯୋଜନା ଆରମ୍ଭ କରାଯାଇଥିଲା। ୨୦୧୮ରୁ ଏହି ଯୋଜନା ଆରମ୍ଭ କରାଯାଇଥିଲା। ପଞ୍ଚାୟତ ପୋଖରୀରେ ମହିଳା ଏସ୍‌ଏଚ୍‌ଜିଙ୍କ ଦ୍ୱାରା ମାଛଚାଷ ଯୋଜନାରେ ହେକ୍ଟର ପିଛା ୧.୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ରାଜ୍ୟ ସରକାର ୯୦ ହଜାର ଟଙ୍କା ସହାୟତା ଯୋଗାଇ ଦେଉଛନ୍ତି। ବର୍ଷକୁ ଏଥିରୁ ୫ ଟନ୍ ମାଛ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନା କାର୍ଯ୍ୟକାରୀ ହେବା ପରେ ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି ପାଇଛି। ଓଡ଼ିଶାର ପ୍ରାୟ ୬.୭୯ ଲକ୍ଷ ହେକ୍ଟର ମଧୁର ଜଳ, ୪.୮୧ ଲକ୍ଷ ହେକ୍ଟର ଲୁଣି ଏବଂ ୧.୭୦ ଲକ୍ଷ ବର୍ଗ କିମି ସାମୁଦ୍ରିକ ଅଞ୍ଚଳ ମାଛଚାଷ ପାଇଁ ଅତ୍ୟନ୍ତ ଉପଯୋଗୀ। ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି ତଥା ରପ୍ତାନି ଲକ୍ଷ୍ୟରେ ଓଡ଼ିଶା ମତ୍ସ୍ୟନୀତି-୨୦୧୫ କାର୍ଯ୍ୟକାରୀ କରାଯାଇଛି। ରାଜ୍ୟରେ ପ୍ରାୟ ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ୭୦ ଲକ୍ଷ ସଦସ୍ୟ ଥିବା ବେଳେ ସେମାନଙ୍କୁ ହସ୍ତଶିଳ୍ପ, ବୟନ ଶିଳ୍ପ, ମହୁଚାଷ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରେ ଶୁଖିଲା ଖାଦ୍ୟ ଯୋଗାଣ ଆଦିରେ ନିୟୋଜିତ କରି ଆର୍ଥିକ ସ୍ୱାବଲମ୍ବୀ କରାଯାଇଛି। ୩୦ଟି ଜିଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାଷ୍ଟର ଟ୍ରେନରମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି। ଚଳିତ ମାସ ଶେଷ ସୁଦ୍ଧା ୯୨୦ ହିତାଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।



ଅପରିଣାମଦର୍ଶିତାର ଫଳ ସର୍ବଦା ବିଷମୟ ହୋଇଥାଏ।

-ସେନେକା



## ସଂକ୍ଷେପରେ

### ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାର ସମୀକ୍ଷା

**ନରସିଂହପୁର,୧୧।୧୦(ଡି.ଏନ.ଏ.):** ନରସିଂହପୁର ବ୍ଲକ ସମ୍ମିଳନୀ କକ୍ଷରେ (ଏମ୍‌ଜିଏନ୍‌ଆର୍‌ଇଜିଏ)ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ୨୦୧୮-୧୯ର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଶାନ୍ତ କୁମାର ତରାଇଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ଆର୍ଥିକ ବର୍ଷରେ ବ୍ଲକର ୩୭ ପଞ୍ଚାୟତରେ ୪୫୧୩ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ଏଥି ମଧ୍ୟରୁ ୧୫୯୬ଟି ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏଥିରେ ୩ଟି ପରିବାର ୧୦୦ ଦିନର କାମ ପାଇଛନ୍ତି। ଚଳିତ ବର୍ଷ ୨୯୭୦୨ଟି ପରିବାର ପଞ୍ଜୀକୃତ ହୋଇଥିଲେ। ସମସ୍ତ ପ୍ରକଳ୍ପ ଗୁଡିକୁ ଶେଷ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ସହକାରୀ ଯନ୍ତ୍ରୀ ଦିଲୀପ ବେହେରା, ଦେବେନ୍ଦ୍ରନାଥ ଦାଶ, ମମତା ସ୍ୱାଇଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ଜିଆରଏସ୍ ପ୍ରମୁଖ ଉପସ୍ଥିତ ଥିଲେ।

### ନୃତ୍ୟଗୁରୁ ଗୋପୀକୃଷ୍ଣଙ୍କ ଜୟନ୍ତୀ

**ବାଙ୍କୀ,୧୧।୧୦(ସ୍ୱ.ପ୍ର.):** ଓଡ଼ିଶୀ ନୃତ୍ୟଗୁରୁ ସ୍ୱର୍ଗତଃ ଗୋପୀକୃଷ୍ଣ ବେହେରାଙ୍କ ୮୯ତମ ଜନ୍ମ ଜୟନ୍ତୀ ଗୁରୁବାର ବାଙ୍କୀ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ କବିଚନ୍ଦ୍ର ଭବନରେ ପାଳିତ ହୋଇଯାଇଛି। ଏହି ଅବସରରେ ପରିଷଦ ପରିସରରେ ଥିବା ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଳା ପ୍ରଦାନ କରିଥିଲେ। ଏହି ଅବସରରେ ପରିଷଦର ଉପସଭାପତି ଅଧାପକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ଆଇନଜୀବୀ ବ୍ରଜକିଶୋର ମହାପାତ୍ର, ସମ୍ପାଦକ ବେଣୁଧର କର, ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ଦୀକ୍ଷିତ, ପ୍ରକୃତି ବନ୍ଧୁ ଦୀପକ ସାମନ୍ତରାୟ, କବି ନବକିଶୋର ମହାରଣା ଓ କବି ଲଲାଟେନ୍ଦୁ ପଣ୍ଡା ପ୍ରମୁଖ ଯୋଗଦେଇ ଗୋପୀକୃଷ୍ଣଙ୍କ ଜୀବନ ଧାରା ଓ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଶେଷରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱର୍ଗତ ବେହେରା ଅନେକ ବର୍ଷଧରି ପୁରୀର ଅନ୍ନପୂର୍ଣ୍ଣ ରଙ୍ଗମଞ୍ଚର 'ଏ' ଗ୍ରୁପରେ ଯୋଗ ଦେଇ ନାଟକରେ ଅଭିନୟ କରିବା ସହ ନୃତ୍ୟ ପରିବେଷଣ କରି ଜଣେ ସଫଳ ଅଭିନେତା ଭାବେ ପରିଚିତ ହୋଇଥିଲେ। ସେ ଦେଶର ବିଭିନ୍ନ ସ୍ଥାନରେ ନୃତ୍ୟ ପରିବେଷଣ ଓ ନିର୍ଦ୍ଦେଶନା ଦେଇ ପୁରସ୍କୃତ ହୋଇଥିଲେ।

### ବରିଷ୍ଠ ନାଗରିକ ସଂଘର ବନ୍ଧୁମିଳନ

**ସାଲେପୁର,୧୧।୧୦(ଡି.ଏନ.ଏ.):** ସାଲେପୁର ବ୍ଲକ ଅଧୀନ ଗୋପୀନାଥପୁର ଅରୋବିହାରଠାରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସ୍ଥାୟୀସଭାପତି ଇଂ. ବୀରବର ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସମ୍ପାଦକ ରାମଚନ୍ଦ୍ର ପଣ୍ଡା, କୋଷାଧକ୍ଷ ପ୍ରବୋଧ ଚନ୍ଦ୍ର ରାଉତ, ସଭ୍ୟବୈଷ୍ଣବ ଚରଣ ସ୍ୱାଇଁ, ନିରଞ୍ଜନ ଦାସ, ବାସୁଦେବ ରାଉତ, ପଞ୍ଚାନନ ସାମଲ, ଭାନୁ ଶତପଥୀ, ଭ୍ରମରବର ସେଠୀ, ସୁରେନ୍ଦ୍ରନାଥ ଜେନା ଓ ପରମାନନ୍ଦ ସାମଲ ପ୍ରମୁଖ ଏଥିରେ ସାମିଲ୍ ହୋଇଥିଲେ।

■ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସର୍ଭେରେ ବ୍ୟାପକ ଅନିୟମିତତା

# ପ୍ରତିବାଦରେ କୋଲେଶ୍ୱରବାସୀଙ୍କ ବ୍ଲକ ଘେରାଉ

**ବଡ଼ମ୍ବା,୧୧।୧୦(ଡି.ଏନ.ଏ.)**



ବଡ଼ମ୍ବା ବ୍ଲକ କାର୍ଯ୍ୟାଳୟ ଆଗରେ କୋଲେଶ୍ୱର ଗ୍ରାମବାସୀ ଧାରଣା ଦେଇଛନ୍ତି।

■ପୋଲିସ-ଆନ୍ଦୋଳନକାରୀ ଧସ୍ତାଧସ୍ତି
■୧୧ ପୋଲିସ କର୍ମଚାରୀ ଆହତ
■ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ଜନସାଧାରଣଙ୍କୁ ସାମିଲ କରିବା ପାଇଁ ବଡ଼ମ୍ବା ବ୍ଲକ ଅଞ୍ଚଳରେ କିଛିଦିନ ହେବ ସର୍ଭେ କରାଯାଇଥିଲା। ମାତ୍ର ଏହି ସର୍ଭେରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ବିଭିନ୍ନ ପଞ୍ଚାୟତର ଶତାଧିକ ଜନସାଧାରଣ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ସେହିପରି କୋଲେଶ୍ୱର ଗ୍ରାମପଞ୍ଚାୟତ ତରଫରୁ ମଧ୍ୟ ଅଭିଯୋଗ ହୋଇଥିଲା। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଶୁକ୍ରବାର କୋଲେଶ୍ୱର ପଞ୍ଚାୟତର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଆସି ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। କୋଲେଶ୍ୱର ସରପଞ୍ଚ ଅମୀୟ ପାଣିଗ୍ରାହୀଙ୍କ ନେତୃତ୍ୱରେ ବଡ଼ମ୍ବା ହାଟସ୍ଥିତ ଆଡ଼ିଆ ମହାଦେବପୀଠରୁ ଲୋକେ ଏକ ଶୋଭାଯାତ୍ରାରେ ଆସି ବ୍ଲକ୍ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପୋଲିସ୍‌କୁ ଠେଲାପେଲା କରି ବ୍ଲକ୍ କାର୍ଯ୍ୟାଳୟକୁ ଧସେଇ ପଶି ଝରକା କାଚ ଓ ବହୁ ଚୌକି ଭଙ୍ଗାରୁଜା କରିଥିଲେ। ଏହି ସମୟରେ ପୋଲିସ୍ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ପ୍ରାୟ ୧୧ଜଣ ପୋଲିସ୍ କର୍ମଚାରୀ ଆହତ ହୋଇଥିବା ସୂଚନା ମିଳିଛି।

ପୋଲିସ୍ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲା। ଆନ୍ଦୋଳନକାରୀ କାର୍ଯ୍ୟାଳୟ ପରିସରରେ ଗଣଧାରଣା ଦେବା ସହିତ ପ୍ରତିବାଦ ସଭା କରିଥିଲେ। ସରପଞ୍ଚ ପାଣିଗ୍ରାହୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସରକାରଙ୍କର ଉକ୍ତ ଜନବିରୋଧୀ କାର୍ଯ୍ୟକ୍ରମକୁ ନିନ୍ଦା କରିଥିଲେ। ଯଦି ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରା ନ ଯାଏ ତେବେ ଆନ୍ଦୋଳନକୁ ବ୍ୟାପକ କରାଯିବବୋଲି ଚେତାବନୀ ଦେଇଥିଲେ। ଉକ୍ତ ଆନ୍ଦୋଳନକୁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ କର୍ମକର୍ତ୍ତା ବିଜୟ କୁମାର ଦଳବେହେରା ସମର୍ଥନ କରିଥିଲେ। ଆନ୍ଦୋଳନ ସମୟରେ ତହସିଲଦାର ଅନିଲ କୁମାର ପଟ୍ଟନାୟକ ଓ ଏମ୍‌ପିଙ୍କ ପ୍ରତିନିଧି ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ଦୋଳନକାରୀଙ୍କ ନିକଟରେ ବିଡିଓ ସଦାନନ୍ଦ ସେଠୀ, ବ୍ଲକ ଅଧକ୍ଷା ଅନୁସୟା ନାଏକ, ଏସ୍‌ଡିପିଓ ଆଲୋକ ରଞ୍ଜନ ରାୟ ପ୍ରମୁଖ ପହଞ୍ଚି ବୁଝାଶୁଝା କରିବା ସହିତ ଏହା ଉପରେ ଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ସେଠୀ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ସାଲେପୁର,୧୧।୧୦(ଡି.ଏନ.ଏ.)**

୩ଦିନ ତଳେ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ସାଲେପୁର ବ୍ଲକ ଅଧୀନ ତେନ୍ତୋଳ ନିକଟସ୍ଥ ନିମଗାଦି ନିକଟରେ ଥିବା ଚିତ୍ରୋତ୍ପଳା ନଦୀରୁ ଉଦ୍ଧାର କରାଯାଇଛି। ସେ ହେଲେ ଜଗତ୍‌ପୁର ଥାନା ଅଧୀନ ବାଲିସାହି ଗ୍ରାମର ମହେନ୍ଦ୍ର ପାତ୍ରଙ୍କ ପୁଅ ବଳରାମ(୧୮)। କୌଣସି କାରଣରୁ ବଳରାମ ଘରୁ ଯାଇ ଆଉ ଫେରି ନ ଥିଲେ। ପୁଅ ନିଖୋଜ ନେଇ ମହେନ୍ଦ୍ର ଜଗତ୍‌ପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଦୀରେ ଭାସିଯାଇଥିବା ନେଇ ସନ୍ଦେହ ହେବାରୁ ପୋଲିସ୍ ପକ୍ଷରୁ ଓଡ୍ରାଫ୍ ଟିମ୍ ଓ ଦମକଳ ବିଭାଗକୁ ଖବର ଦିଆଯାଇଥିଲା। ପରେ ସେମାନେ ଖୋଜାଖୋଜି କରିଥିଲେ। ସକାଳେ ତେନ୍ତୋଳ ଗ୍ରାମ ନିକଟରେ ଥିବା ନଦୀରେ ବଳରାମଙ୍କ ମୃତଦେହ ଭାସୁଥିବା ଜଣାପଡ଼ିବା ପରେ ଓଡ୍ରାଫ୍ ଟିମ୍ ଉଦ୍ଧାର କରିଥିଲା। ପରେ ସାଲେପୁର ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ନଂ-୧୮/୧୯ ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି।

## ହାଇଓ୍ୱା ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବାଙ୍କୀ,୧୧।୧୦(ସ୍ୱ.ପ୍ର.)**

ବାଲି ବୋଝେଇ ହାଇଓ୍ୱା ଧକ୍କାରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଙ୍କୀ ଥାନା ଅଧୀନ ବ୍ରହ୍ମପୁରା ଗ୍ରାମର ସୂର୍ଯ୍ୟମଣି ସାହୁଙ୍କ ପୁଅ ଅନ୍ତର୍ଯ୍ୟାମୀ ସାହୁ(୨୨)। ହାଇଓ୍ୱାଟି ବାଲି ବୋଝେଇ କରି ବାଙ୍କୀରୁ କଳାପଥର ରାସ୍ତାରେ ଯିବାବେଳେ ବ୍ରହ୍ମପୁରା ଛକଠାରେ ଠିଆ ହୋଇଥିବା ଅନ୍ତର୍ଯ୍ୟାମୀଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅନ୍ତର୍ଯ୍ୟାମୀଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବାଙ୍କୀ ଥାନା ଅଧିକାରୀ ସମୀର କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ହାଇଓ୍ୱାକୁ ଜବତ କରିଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଥାନା ଅଧିକାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଖବର ଲେଖା ହେବାବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ମୃତକ ଜଣକ ଏକ ଗରିବ ପରିବାରର। ତାଙ୍କ ବାପା ଦିନମଜୁରିଆଭାବେ କାମକରି ପରିବାର ଚଳାଉଛନ୍ତି। ତେଣୁ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

ରାଜପଥରେ ରାହାଜାନି ଘଟଣା

## ସବୁ ଅଭିଯୁକ୍ତଙ୍କୁ ଗିରଫ ଦାବି

**ଟିଗିରିଆ,୧୧।୧୦(ଡି.ଏନ.ଏ.)**

ଟିଗିରିଆ ଥାନା ଅଧୀନ ଗୋପୀନାଥପୁର ଶାସନଛକରେ ଗତ ବୁଧବାର ରାହାଜାନି ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ପୁରୁଣାଟିଗିରିଆର ଶତାଧିକ ଯୁବକ ଶୁକ୍ରବାର ଥାନାକୁ ଆସି ଦାବି କରିଛନ୍ତି। ଶତାଧିକ ଲୋକ ଥାନାକୁ ଆସିଥିବା ଖବର ପାଇ ଆଠଗଡ଼ ଏସଡିପିଓ ଆଲୋକ ରଞ୍ଜନ ରାୟ ଥାନାରେ ପହଞ୍ଚି ୭ଦିନ ମଧ୍ୟରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଯୁବକମାନେ ଫେରି ଯାଇଥିଲେ।

ସୂଚନାଯୋଗ୍ୟ, ବୁଧବାର ଗୋପୀନାଥପୁରଶାସନ ଛକରେ ୧୨ରୁ ଊର୍ଦ୍ଧ୍ୱ ଯୁବକ ରାସ୍ତାରେ ଯାତାୟାତ କରୁଥିବା ବିଭିନ୍ନ ଯାନବାହନ ଓ ପଥଚାରୀଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମାଡ଼ମାରିବା, ଲୁଟପାଟ ଉଦ୍ୟମ ଏବଂ ଦାଦାବଟି ମାଗିଥିଲେ। ଖବର ପାଇ ଥାନା ଅଧିକାରୀ ରବୀନ୍ଦ୍ର ଭୁଜବଳ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି କରଡ଼ାପଲ୍ଲୀ ଗ୍ରାମର ଦୁଇ ଯୁବକଙ୍କୁ ଗିରଫ କରିଥିଲେ। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ। ରାଜରାସ୍ତାରେ ଯୁବକମାନେ ସଂଘବଦ୍ଧ ଭାବେ ଘଟାଇଥିବା ଅସାମାଜିକ କାର୍ଯ୍ୟରେ ପୁରୁଣାଟିଗିରିଆ ଗ୍ରାମର ୪ଜଣ ଯୁବକ ଆହତ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ସେମାନଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଫୁଟବଲ୍ ଟୁର୍ନାମେଣ୍ଟ

## ସେମିରେ ସାଲେପୁର

**ସାଲେପୁର,୧୧।୧୦(ଡି.ଏନ୍.ଏ.)**

ସାଲେପୁର ବ୍ଲକ୍ ଗୋପୀନାଥପୁର ପଡ଼ିଆରେ ଅନୁଷ୍ଠିତ ୮ମ ବାର୍ଷିକ ନବକିଶୋର ସାହୁ ମେମୋରିଆଲ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ୩ୟ ଦିବସରେ ସାଲେପୁର ଫୁଟବଲ୍ ଟିମ୍ ସେମିଫାଇନାଲରେ ପ୍ରବେଶ କରିଛି। ସାଲେପୁର ଫୁଟବଲ୍ ଟିମ୍ ଓ କଟକର ସନ୍‌ସାଇନ୍ କ୍ଲବ୍ ମଧ୍ୟରେ ଏହି ମ୍ୟାଚ ହୋଇଥିଲା। ଖେଳ ଶେଷସୁଦ୍ଧା କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଶେଷରେ ଟାଇବେକର୍ ଜରିଆରେ ସାଲେପୁର ଫୁଟବଲ୍ ଟିମ୍ ୪-୨ ଗୋଲ୍‌ରେ କଟକର ସନ୍‌ସାଇନ୍ କ୍ଲବ୍‌କୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି। ମ୍ୟାଚରେ ରେଫରି ଭାବେ ସଞ୍ଜୀବ ଦାଶ, ଦୈତାରୀ କାରୁଆ, ଜ୍ୟୋତିରଞ୍ଜନ ସ୍ୱାଇଁ ଓ ରସାନନ୍ଦ ସାମଲ ପ୍ରମୁଖ ଯୋଗଦେଇଥିଲେ। ଅତିଥିଭାବେ ହୃଷୀକେଶ ରାଉତ, ସରପଞ୍ଚ ତୃପ୍ତିରେଖା ମଲ୍ଲ, ବସନ୍ତ ବିଶ୍ୱାଳ, ରମେଶ ସ୍ୱାଇଁ, ଗୋପୀନାଥ ଭୋଇ, ଗଣେଶ ଚନ୍ଦ୍ର ନାୟକ, ରମାକାନ୍ତ ସାମଲ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗୋପୀନାଥପୁର ସରପଞ୍ଚ ଦିଲୀପ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ନାମେଣ୍ଟରେ ବୀରବର ଭୂୟାଁ, ଯୁଗଳକିଶୋର ଜେନା, ଧ୍ରୁବଚରଣ ସାମଲ, ନିର୍ମଳ ସାମଲ, ଶ୍ରୀମା ପ୍ରସାଦ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

■ ପୂର୍ବ ଶତ୍ରୁତାରୁ ଆକ୍ରମଣ ଘଟଣା

# ନ୍ୟାୟ ଦାବିରେ ଫାଣ୍ଡି ଘେରାଉ



ନ୍ୟାୟ ପାଇବା ଦାବିରେ ଫାଣ୍ଡି ଘେରାଉ କରିଥିବା ସାନଗାଁ ଗ୍ରାମବାସୀ।

**ନରସିଂହପୁର,୧୧।୧୦(ଡି.ଏନ.ଏ.)**

ପୂର୍ବ ଶତ୍ରୁତାରୁ ହୋଇଥିବା ଆକ୍ରମଣ ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶୁକ୍ରବାର ନରସିଂହପୁର ଥାନା ଅଧୀନ ସାନଗାଁ ଗ୍ରାମବାସୀ ଯୋଡ଼ୁମୁଁ ଫାଣ୍ଡି ଘେରାଉ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତିଯେ, ଗତ ୯ ତାରିଖ ରାତିରେ ପୂର୍ବ ଶତ୍ରୁତାରୁ ଗ୍ରାମର କେତେଜଣ ଯୁବକ ଭୁଜାଲି ଓ ଖଣ୍ଡା ଧରି ଆସି ପ୍ରଥମେ ଗ୍ରାମର ବିଜୟ ପ୍ରଧାନଙ୍କୁ ଘରେ ପଶି ଆକ୍ରମଣ କରିଥିଲେ। ଏଥିସହିତ ତାଙ୍କ ଦୋକାନକୁ ପଥର ଫିଙ୍ଗିବା ସହିତ ଅଟୋକୁ ପିଟିଥିଲେ। ପରେ କାନ୍ତି ସାହୁଙ୍କୁ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ଏହାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଘଟଣା ସମ୍ପର୍କରେ ତୁରନ୍ତ ବିଜୟ, କାନ୍ତି ଯୋଡ଼ୁମୁଁ ଫାଣ୍ଡିରେ ଅଭିଯୋଗ କରିଥିଲେ। ମାତ୍ର ଫାଣ୍ଡି ଅଧିକାରୀ ୨ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ଶୁକ୍ରବାର ଗ୍ରାମ୍ୟ କମିଟି ନିଷ୍ପତ୍ତି ଅନୁସାରେ ସଭାପତି ସୂର୍ଯ୍ୟମଣି ସାହୁଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ଯୋଡ଼ୁମୁ ଫାଣ୍ଡି ଘେରାଉ କରି ନ୍ୟାୟ ଦାବି କରିଥିଲେ। ଗ୍ରାମ୍ୟ କମିଟି ସଭାପତି ସାହୁ କହିଛନ୍ତି, ଗ୍ରାମର ଉଦ୍ଧବ ସାହୁ ଏବଂ କୁମର ସାହୁ ଦୁଇ ଭାଇଙ୍କ ମଧ୍ୟରେ ଜମିଜମାକୁ ନେଇ ଗଣ୍ଡଗୋଳ ଘଟିଥିଲା। ଗ୍ରାମ୍ୟ କମିଟି ନିଷ୍ପତ୍ତି ଅନୁସାରେ ୧୦ଜଣ ଭଦ୍ର ଲୋକ ଯାଇ ସୀମା ନିର୍ଦ୍ଧାରଣ କରିଥିଲେ। ହେଲେ ଏହାକୁ ଉଦ୍ଧବ ଓ ତାଙ୍କ ପରିବାର ଲୋକେ ମାନି ନ ଥିଲେ। ଫଳରେ ସେମାନେ କିଛି ଯୁବକଙ୍କ ସାହାଯ୍ୟରେ ଗ୍ରାମର ଭଦ୍ରଲୋକଙ୍କୁ ଆକ୍ରମଣ କରି ଫେରାର ହୋଇ ଯାଇଛନ୍ତି। ଘେରାଉ ପରେ ଫାଣ୍ଡି ଅଧିକାରୀ ଦଳେଇ ତଦନ୍ତ କରି ଆକ୍ରମଣର ମୁଖ୍ୟ ଭାବ ସାହୁ, ବାଟୁ ସାହୁ, ଶ୍ରୀକାନ୍ତ ସାହୁ ଓ ସିପୁନୁ ଦେହୁରୀଙ୍କ ନାମରେ ନଂ-୧୮୨/୧୯ରେ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ସୂଚନା ଦେଇଛନ୍ତି।

## ୧୯୬୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



ବନ୍ଧୁମିଳନ ଉତ୍ସବରେ ସାମିଲ ହୋଇଥିବା ପୁରାତନ ଛାତ୍ର।

**ନରସିଂହପୁର,୧୧।୧୦(ଡି.ଏନ.ଏ.)**

ନରସିଂହପୁର ସଦରମହକୁମାସ୍ଥିତ ଅନନ୍ତ ନାରାୟଣ ହାଇସ୍କୁଲ ୧୯୬୯ ମସିହା ମାଟ୍ରିକ ବ୍ୟାଚ୍‌ର ଏକ ବନ୍ଧୁମିଳନ ସ୍ଥାନୀୟ ନିଜିଗଡ ବାଳିକା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଲକ ବିହାରୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମାନଗୋବିନ୍ଦ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଆୟୋଜିତ ଉତ୍ସବରେ କିଛି ବନ୍ଧୁ ବର୍ତ୍ତମାନ ସମୟକୁ ନେଇ ବିଭିନ୍ନ କବିତା ପାଠ କରିଥିଲେ। ବିଗତ ଦିନରେ ଦିବଂଗତ ସାଥୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନ କରାଯାଇଥିଲା। ପରେ ପ୍ରତ୍ୟେକ ବନ୍ଧୁ ନିଜ ନିଜର ଭାବର ଆଦାନ ପ୍ରଦାନ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଉମାଚରଣ ପଟ୍ଟନାୟକ, ପ୍ରମୋଦ କୁମାର ପୃଷ୍ଟି, ଦେବରାଜ ସାହୁ, ଦିନବନ୍ଧୁ ବେହେରା, ଉତ୍ସବ ସାହୁ, ସନ୍ତୋଷ କୁମାର ମିଶ୍ର, ଦାଶରଥୀ ମିଶ୍ର, ବିଦ୍ୟାଧର ରଣା ଓ ଫଗୁ ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବାଙ୍କୀ ମହୋତ୍ସବକୁ ପଲିଥିନ ମୁକ୍ତ ପାଇଁ ସଚେତନତା

**ବାଙ୍କୀ,୧୧।୧୦(ସ୍ୱ.ପ୍ର.)**

କୁମାର ପୂର୍ଣ୍ଣିମା ଓ ବାଙ୍କୀ ମହୋତ୍ସବକୁ ପ୍ଲାଷ୍ଟିକ ଏବଂ ପଲିଥିନ ମୁକ୍ତ କରିବା ପାଇଁ ଶୁକ୍ରବାର ବାଙ୍କୀ ବଜାରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଗୌତମ ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂଜାମଣ୍ଡପର କର୍ମକର୍ତ୍ତା ଓ ଜନସାଧାରଣଙ୍କୁ ପ୍ଲାଷ୍ଟିକ ଏବଂ ପଲିଥିନକୁ ବର୍ଜନ କରିବାକୁ ପରାମର୍ଶ ଦିଆଯାଇଥିଲା। ପରିବେଶକୁ ଦୂଷିତ କରୁଥିବା ଏହି ସବୁ ଉପକରଣକୁ ବ୍ୟବହାର ନ କରି ସରକାରୀ ସ୍ୱୀକୃତି ପାଇଥିବା ବସ୍ତୁ ବ୍ୟବହାର କରିବାକୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁଗଜ୍ୟୋତି ପୂଜା କମିଟିର ବିଭୂତି ଭୂଷଣ ସାହୁ, ଲକ୍ଷ୍ମୀବଜାର ପୂଜା କମିଟିର ସଞ୍ଜୟ କୁମାର ମହାପାତ୍ର, ଚିନ୍ତାମଣି ବାରିକ, ମେନ୍‌ରୋଡ ପୂଜାକମିଟିର ପ୍ରହ୍ଲାଦ ପୃଷ୍ଟି, ରବୀନ୍ଦ୍ର ଦାଶ ବୁଦ୍ଧିଜୀବୀ ମାଧବ ଚନ୍ଦ୍ର ଦାଶ, ପ୍ରଶାନ୍ତ ସାହୁଙ୍କ ସମେତ ଅନେକ ଜନସାଧାରଣ ଉପସ୍ଥିତ ଥିଲେ।

## କମେଣ୍ଟ ମାରି ୨ ନାବାଳକ ଅଟକ

**କଟକ ଅଫିସ,୧୧।୧୦**

ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ପୁରୀଘାଟ ଥାନା ପୋଲିସ ଶୁକ୍ରବାର ୨ ନାବାଳକଙ୍କୁ ଅଟକ ରଖିଛି। ଛାତ୍ରୀ ଜଣକ ସେମିନାର ଛକରେ ଯାଉଥିବା ବେଳେ ୫ ନାବାଳକ ତାଙ୍କୁ କମେଣ୍ଟ ମାରିଥିଲେ। ସ୍ଥାନୀୟ ଲୋକେ ୨ଙ୍କୁ କାବୁ କରିଥିବା ବେଳେ ୩ଖସି ଖସିଯାଇଥିଲେ।







ଆଠଗଡ଼ ବ୍ଲକ ଅଞ୍ଚଳରେ ପୂଜା ପାଉଥିବା ମା' ଦୁର୍ଗା ଓ ଅନ୍ୟ ଦେବଦେବୀଙ୍କୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ବିସର୍ଜନ ପାଇଁ ନିଆଯାଉଛି।



ଅପରିଣାମଦର୍ଶିତାର ଫଳ
ସର୍ବଦା ବିଷମୟ ହୋଇଥାଏ।
- ସେନେକା



## ସଂକ୍ଷେପରେ

### ଛାତ୍ରୀଙ୍କୁ କମେଣ୍ଟ ମାରି ୨ ନାବାଳକ ଅଟକ

**କଟକ ଅଫିସ,୧୧।୧୦:** ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ପୁରୀଘାଟ ଥାନା ପୋଲିସ ଶୁକ୍ରବାର ଦୁଇ ଜଣ ନାବାଳକଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ସେମିନାର ଛକରେ ଯାଉଥିବା ବେଳେ ୫ଜଣ ନାବାଳକ ତାଙ୍କୁ ଅଟକାଇ ହଇରାଣ କରିବା ସହ କମେଣ୍ଟ ମାରିଥିଲେ। ସ୍ଥାନୀୟ ଲୋକେ ୨ଜଣଙ୍କୁ କାବୁ କରିଥିବା ବେଳେ ୩ଜଣ ଖସି ପଳାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ନାବାଳକଙ୍କୁ ଥାନାକୁ ଆଣିଥିଲେ। ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

### ଶହୀଦ ବାଜି ରାଉତଙ୍କ ୮୧ତମ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ,୧୧।୧୦:** ଶହୀଦ ବାଜି ରାଉତଙ୍କ ୮୧ତମ ଶ୍ରାଦ୍ଧବାର୍ଷିକୀ ବାଜି ରାଉତ ସ୍ମୃତି ସଂସଦ ପକ୍ଷରୁ ଶୁକ୍ରବାର ପାଳିତ ହୋଇଯାଇଛି। ଖାନନଗରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ଆଇନଜୀବୀ ବରଦା ପ୍ରସନ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଇଂରେଜ ଫୌଜମାନଙ୍କ ଗୁଳିରେ ବାଜି ରାଉତଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ଢେଙ୍କାନାଳର ବହୁ ସ୍ୱାଧୀନତା ସଂଗ୍ରାମୀ ତଥା ସ୍ଥାନୀୟ ଅଞ୍ଚଳର ଲୋକମାନେ ଏକ ଶଗଡିରେ କଟକ ଖାନନଗର ମଶାଣିକୁ ଆଣି ସଂସ୍କାର କରିଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ତେଣୁ ସ୍ମୃତି ସଂସଦ ପକ୍ଷରୁ ପ୍ରତିବର୍ଷ ଏହି ଦିନ ଏଠାରେ ତାଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଆସୁଛି। କାର୍ଯ୍ୟକ୍ରମରେ ସର୍ବେଶ୍ୱର ନାୟକ, ତାପସ ଦ୍ୱିବେଦୀ, ଜ୍ଞାନେନ୍ଦ୍ର ସ୍ୱାଇଁ, ସୁଜାତା ପଣ୍ଡା ପ୍ରମୁଖ ବାଜି ରାଉତଙ୍କ ସ୍ମୃତିଚାରଣ କରିବା ସହିତ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

### ରୂପଯାତ୍ରାରେ ଝଲସିବ ଚାନ୍ଦିମେଢ଼

**ଚୌଦ୍ୱାର,୧୧।୧୦(ଡି.ଏନ୍.ଏ):** ପ୍ରସିଦ୍ଧ ରୂପଯାତ୍ରା ପାଇଁ ଚଳଚଞ୍ଚଳ ହୋଇଛି ଚୌଦ୍ୱାର ସହର। କୁମାର ପୂର୍ଣ୍ଣିମା ଠାରୁ ୪ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରା ପାଇଁ ପ୍ରସ୍ତୁତି କରାଯାଉଛି। ପୌରାଞ୍ଚଳର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ମହାଲକ୍ଷ୍ମୀ, ମହାଦେବ, ହର ପାର୍ବତୀ, ଲକ୍ଷ୍ମୀ ନାରାୟଣ, ହନୁମାନ, ରାଧାକୃଷ୍ଣ ଦେବଦେବୀଙ୍କ ମେଢ଼ ସଜାଣ ଆରମ୍ଭ ହୋଇଛି। ଚଳିତବର୍ଷ ପ୍ରଥମ ଥର ପାଇଁ ଚୌଦ୍ୱାରସ୍ଥିତ ବ୍ରାହ୍ମଣ ସାହିର ମା' ଗଜଲକ୍ଷ୍ମୀ ଚାନ୍ଦି ମେଢ଼ରେ ଶୋଭାପାଇବେ। ପ୍ରାୟ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୧କୁଇଣ୍ଟାଲ ୧୦କେଜି ଓଜନର ରୁପାରେ ଏହି ଚାନ୍ଦି ମେଢ ନିର୍ମାଣ କରାଯାଇଛି ବୋଲି ବ୍ରାହ୍ମଣସାହି ପୂଜା କମିଟିର ସମ୍ପାଦକ ଅଶୋକ କୁମାର ସାହୁ କହିଛନ୍ତି। ୧୫ତାରିଖରେ ପୌରାଞ୍ଚଳର ସମସ୍ତ ମେଢ଼ଗୁଡିକ ମଣ୍ଡପରୁ ଶୋଭାଯାତ୍ରାରେ ବାହାରି ତିନିକୋଣିଆସ୍ଥିତ ଯାତ୍ରା ପଡ଼ିଆରେ ଏକତ୍ରିତ ହେବେ। ୧୬ତାରିଖ ତଥା ବୁଧବାର ସକାଳୁ ଯାତ୍ରା କମିଟି ଠାରୁ ଛନ୍ଦା ଓ ଭସାଣି ଟିକେଟ ନେଇ ମେଢ଼ଗୁଡ଼ିକ କ୍ରମାନ୍ୱୟରେ ଶୋଭାଯାତ୍ରା ବାହାରି ଭସାଣ ପାଇଁ ପ୍ରସ୍ଥାନ କରିବେ। ପ୍ରଶାସନ ପକ୍ଷରୁ ବିରୁପା ନଦୀ କୂଳରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ପୋଖରୀରେ ମେଢ଼ଗୁଡିକ ବିସର୍ଜନ କରାଯିବ।

# ଫେଲ୍ ମାରିଛି କୁକୁର ବନ୍ଧ୍ୟାକରଣ

**କଟକ ମହାନଗର ନିଗମ**

**କଟକ ଅଫିସ,୧୧।୧୦**

କଟକ ସହରରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରାସ୍ତା, ଗଳି, କନ୍ଦିରେ ବୁଲା କୁକୁରଙ୍କ ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ସହରରୁ ବୁଲା କୁକୁରଙ୍କ ସଂଖ୍ୟା କମାଇବା ଲାଗି ତିନିବର୍ଷ ପୂର୍ବେ ବକ୍ସିବଜାରରେ କୁକୁର ବନ୍ଧ୍ୟାକରଣ ସେଣ୍ଟର ଖୋଲା ଯାଇଥିଲା। ହେଲେ ଏଠାରେ ଏବେ ତାଲା ଝୁଲୁଥିବାବେଳେ କାନ୍ଥରେ ଗଛଲତା ମାଡିଗଲାଣି। ଫଳରେ କଟକ ମହାନଗର ନିଗମ(ସିଏମ୍‌ସି)ର କୁକୁର ବନ୍ଧ୍ୟାକରଣ ବ୍ୟବସ୍ଥା ଫେଲ୍ ମାରିଛି। ଦୁଇ ବର୍ଷ ମଧ୍ୟରେ ସହରରେ ବୁଲା କୁକୁରଙ୍କ ସଂଖ୍ୟା ଦୁଇ ଗୁଣା ହୋଇଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ସହରରେ ବୁଲା କୁକୁରଙ୍କ ଯୋଗୁ ବାଇକ୍ ଦୁର୍ଘଟଣା ଘଟୁଛି। ସେହିପରି ପ୍ରତିଦିନ ୨/ ୩ଜଣ କୁକୁର କାମୁଡ଼ାରେ ଆକ୍ରାନ୍ତ ହୋଇ ଏସ୍‌ସିବି ମେଡ଼ିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହେଉଛନ୍ତି। କୁକୁର ଭୟରେ ରାତିରେ କୌଣସି ଗଳିରେ ଲୋକମାନେ ଯାତାୟତ କରିବା ପାଇଁ ନିରାପଦ ମଣୁନାହାନ୍ତି। କୁକୁରଙ୍କ ଅସ୍ତ୍ରୋପଚାର କରି ସେମାନଙ୍କ ବଂଶବିସ୍ତାର ଉପରେ ରୋକ୍ ଲଗାଯିବା ସିଏମ୍‌ସିକୁ ଦାୟିତ୍ୱ ଦିଆଯାଇଥିଲା। ଏଥିପାଇଁ ୨୦୧୬ରେ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବକ୍ସିବଜାର ନିକଟରେ ଏକ କେନ୍ଦ୍ର ଖୋଲା ଯାଇଥିଲା। ସହରର ବୁଲା କୁକୁରଙ୍କୁ ଆଣି ଏଠାରେ ଅସ୍ତ୍ରୋପଚାର କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଏବେ ଏହି ସେଣ୍ଟରର ଅବସ୍ଥାକୁ ଦେଖିଲେ ସିଏମ୍‌ସିର କୁକୁର ବନ୍ଧ୍ୟାକରଣ ବ୍ୟବସ୍ଥା କିପରି ଚାଲିଛି ତାହା ସ୍ପଷ୍ଟ ବାରି ହୋଇପଡୁଛି। ଏପରିକି କୁକୁର ଧରିବା ପାଇଁ ସିଏମ୍‌ସି ପକ୍ଷରୁ ପର୍ଯ୍ୟାପ୍ତ କର୍ମଚାରୀ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସିଏମ୍‌ସିର ସ୍ୱାସ୍ଥ୍ୟ ଅଧିକାରୀ ଡ. ଉମେଶ ପାଣିଗ୍ରାହୀ କୁହନ୍ତି, ବକ୍ସିବଜାର କେନ୍ଦ୍ରଟି ବନ୍ଦ ହୋଇ ପଡ଼ିବା ସମ୍ପର୍କରେ ଆମେ ଅବଗତ ଅଛୁ। ଭେଟେନାରୀ ଅଫିସ ସହ ଏହାକୁ ସଂଯୋଗ କରାଯିବା ପାଇଁ ଯୋଜନା ଥିଲା। ହେଲେ ହୋଇପାରିନାହିଁ। ଏ ସଂକ୍ରାନ୍ତରେ ଭେଟେନାରୀ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖା ଯାଇଛି।



ବନ୍ଦ ଥିବା କୁକୁର ବନ୍ଧ୍ୟାକରଣ ସେଣ୍ଟର କାନ୍ଥରେ ମାଡିଥିବା ଗଛଲତା।





ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୭ତମ ଜୟନ୍ତୀ ପାଳନ ଅବସରରେ ଗାନ୍ଧୀ ଲୋହିଆ ଜୟପ୍ରକାଶ ମଞ୍ଚ ପକ୍ଷରୁ ଶୁକ୍ରବାର କଟକ ସିଡିଏସ୍ଥିତ ଜୟପ୍ରକାଶ ଉଦ୍ୟାନ ପୁଞ୍ଜ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

## ଲୋକନାୟକ ଜୟପ୍ରକାଶ, ମନମୋହନଙ୍କ ଜୟନ୍ତୀ

**କଟକ ଅଫିସ,୧୧।୧୦**

ମର୍କତନଗର ଉଦ୍ୟାନଠାରେ ଗାନ୍ଧି-ଲୋହିଆ-ଜୟପ୍ରକାଶ ମଞ୍ଚ ଆନୁକୂଲ୍ୟରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିଶିର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂ ମୁଖ୍ୟଅତିଥି ଓ ଚିତ୍ତରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡା. ରବିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣ ଓ କ୍ରାନ୍ତିକାରି ମନମୋହନ ଚୌଧୁରୀଙ୍କର ଜୟନ୍ତୀ ଥୋରିଆସାହିସ୍ଥିତ ଗୁଣନିଧି ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୈଳାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜନୈତିକ କ୍ଷେତ୍ରରେ ଜୟପ୍ରକାଶ ଓ ମନମୋହନଙ୍କ ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ଏହି ସଭାରେ କଟକ ଜିଲା ସଭାପତି ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ଆଦିତ୍ୟ ପଟ୍ଟନାୟକ, ପ୍ରାଣକୃଷ୍ଣ ବେହେରା, ନିହାର ରାୟ, ଅଧ୍ୟାପିକା ସୌଦାମିନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦୋଳମୁଣ୍ଡାଇସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟଠାରେ ଜୟପ୍ରକାଶଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଦଳର ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଉପସଭାପତି ଦେବେନ୍ଦ୍ର ଖୁଣ୍ଟିଆ, କଟକ ନଗର କାର୍ଯ୍ୟକାରୀ ସଭାପତି ଧର୍ମେଶ ନାୟକ, ପ୍ରକାଶ ସିଂ, ବିଜୟ ବେହେରା, ଯୁଧିଷ୍ଠିର ବିଶ୍ୱାଳଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଜାତୀୟ ଯୁବ ଶିବିର

**ଟାଙ୍ଗୀ(କଟକ),୧୧।୧୦(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକର ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ଓ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ଭବାନି ରାଉତ ଯୁବ ମଣ୍ଡଳ ଦ୍ୱାରା ଡାଳିଯୋଡା ଗ୍ରାମ କରଞ୍ଜିସ୍ଥିତ ଶ୍ରୀ ଅରବିନ୍ଦ ଶ୍ରୀକ୍ଷେତ୍ରଠାରେ ୩ ଦିନିଆ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପ୍ରଫେସର ଶାନ୍ତି ନାୟକ ଉଦ୍‌ଘାଟନ କରିଥିଲେ। ହିମାଳୟନ ମାଉଣ୍ଟେନିୟରିଙ୍ଗ ଅନୁଷ୍ଠାନର ଏଭରେଷ୍ଟ ଆରୋହୀ ଯୋଗାଭ୍ୟାସ ଭୋଇ ଓ ସହଯୋଗୀଙ୍କ ଦ୍ୱାରା ଧନୁଭଙ୍ଗ ପାହାଡ ଚଢ଼ିବା, ଅଗ୍ନି ପ୍ରତିରୋଧକ ଶିକ୍ଷା, ପ୍ରାଥମିକ ଚିକିତ୍ସା, ଯୋଗାଭ୍ୟାସ, ସ୍ୱଚ୍ଛ ଭାରତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶ୍ରୀ ଅରବିନ୍ଦ ଓ ଆଧ୍ୟାତ୍ମିକତା ''ନିଡ ଅଫ ଆୱାର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ତଥା ବାହାର ରାଜ୍ୟର ଶତାଧିକ ଯୁବ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଶ୍ରୀ ଅରବିନ୍ଦ ଆଶ୍ରମର ସମ୍ପାଦକ ଧରଣୀଧର ପାଲ, ପ୍ରଫୁଲ୍ଲ ପଟ୍ଟନାୟକ, ମଧୁସୂଧନ ନାଏକ ଓ ସହଯୋଗୀ ୩ଦିନ ବ୍ୟାପି ଶିବିରକୁ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନ ସ୍ୱେଚ୍ଛାସେବୀମାନଙ୍କ ନେତୃତ୍ୱ ନେବା ସହ ଅନୁଷ୍ଠାନର ପ୍ରତିନିଧିତ୍ୱ କରିଥିଲେ।



କଟକ ଶିଳ୍ପୀକୁମ୍ଭାର ସାହି ଅଞ୍ଚଳରେ ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାକୁ ସଜ୍ଜିତ କରୁଥିବା ଜଣେ ଶିଳ୍ପୀ।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ସାଲେପୁର,୧୧।୧୦(ଡି.ଏନ.ଏ.)**

୩ଦିନ ତଳେ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ସାଲେପୁର ବ୍ଲକ ଅଧୀନ ତେନ୍ତୋଳ ନିକଟସ୍ଥ ନିମଗାଦି ନିକଟରେ ଥିବା ଚିତ୍ରୋତ୍ପଳା ନଦୀରୁ ଉଦ୍ଧାର କରାଯାଇଛି। ସେ ହେଲେ ଜଗତ୍‌ପୁର ଥାନା ଅଧୀନ ବାଲିସାହି ଗ୍ରାମର ମହେନ୍ଦ୍ର ପାତ୍ରଙ୍କ ପୁଅ ବଳରାମ(୧୮)। କୌଣସି କାରଣରୁ ବଳରାମ ଘରୁ ଯାଇ ଆଉ ଫେରି ନ ଥିଲେ। ପୁଅ ନିଖୋଜ ନେଇ ମହେନ୍ଦ୍ର ଜଗତ୍‌ପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଦୀରେ ଭାସିଯାଇଥିବା ନେଇ ସନ୍ଦେହ ହେବାରୁ ପୋଲିସ୍ ପକ୍ଷରୁ ଓଡ୍ରାଫ୍ ଟିମ୍ ଓ ଦମକଳ ବିଭାଗକୁ ଖବର ଦିଆଯାଇଥିଲା। ପରେ ସେମାନେ ଖୋଜାଖୋଜି କରିଥିଲେ। ସକାଳେ ତେନ୍ତୋଳ ଗ୍ରାମ ନିକଟରେ ଥିବା ନଦୀରେ ବଳରାମଙ୍କ ମୃତଦେହ ଭାସୁଥିବା ଜଣାପଡ଼ିବା ପରେ ଓଡ୍ରାଫ୍ ଟିମ୍ ଉଦ୍ଧାର କରିଥିଲା। ପରେ ସାଲେପୁର ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ନଂ-୧୮/୧୯ ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି।

## ଷ୍ଟୋରି ଇମେଜ୍‌ର ଅଳତା ପର୍ବ

**ଚୌଦ୍ୱାର,୧୧।୧୦(ଡି.ଏନ୍.ଏ.)**

ଚୌଦ୍ୱାରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଷ୍ଟୋରି ଇମେଜ୍‌ର ଅଳତା ପର୍ବ ସ୍ଥାନୀୟ ବୈଦେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରଫୁଲ୍ଲ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଚୀନ ପରମ୍ପରାରେ ପାଦରେ ଅଳତାର ସ୍ଥାନ କେତେ ଗୁରୁତ୍ୱପୂର୍ଣ୍ଣ ସେ ନେଇ ଆଲୋଚନା କରାଯାଇଥିଲା। ଅତିଥିଭାବେ ଡ. ଅଜୟ ମିଶ୍ର, ପ୍ରକାଶ ମହାପାତ୍ର, ବିପଦବନ୍ଧୁ ମହାନ୍ତି, ପ୍ରତାପ କିଶୋର ମହାପାତ୍ର, ଗଣେଶ୍ୱର ସ୍ୱାଇଁ, ଦୀପକ କୁମାର ବେହେରା, ସୁକାନ୍ତ ସାହୁ, ବୈଦ୍ୟନାଥ ଖିଲାର, ଗଗନ ରାଉତ, ବ୍ରଜେନ୍ଦ୍ର ନାୟକ, କେସି ପ୍ରତାପ ସିଂ, ଦାମୋଦର ବେଉରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଅଳତା ପ୍ରତିଯୋଗିତାରେ କୁଆଁରୀମାନେ ପୁରୁଷଙ୍କ ପାଦରେ ଏବଂ ପୁରୁଷମାନେ କୁଆଁରୀମାନଙ୍କ ପାଦରେ ଅଳତା ଲଗାଇବା ଦୃଶ୍ୟ ବେଶ୍ ମନୋରମ ଥିଲା। ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ବାପୁ ଲେଙ୍କା ବିଚାରକ ଭାବେ ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କବି ଶ୍ରୀଧର ସାହୁଙ୍କ କବିତା ସଂକଳନ ମଧୁ ପୁରାଣକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ରାଜୀବ ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଏସ.କେ.ଖାଲିଦ ଚାନ୍ଦ, ପ୍ରଗତି ଭୂୟାଁ, ପ୍ରଜ୍ଞା ପରମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସର୍ଭେରେ ବ୍ୟାପକ ଅନିୟମିତତା

## ପ୍ରତିବାଦରେ କୋଲେଶ୍ୱରବାସୀଙ୍କ ବ୍ଲକ ଘେରାଉ

**ବଡ଼ମ୍ବା,୧୧।୧୦(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ଜନସାଧାରଣଙ୍କୁ ସାମିଲ କରିବା ପାଇଁ ବଡ଼ମ୍ବା ବ୍ଲକ ଅଞ୍ଚଳରେ ସର୍ଭେ କରାଯାଇଥିଲା। କିନ୍ତୁ ଏହି ସର୍ଭେରେ ଅନିୟମିତତା ହୋଇଥିବା ଅଭିଯୋଗ କରି ବିଭିନ୍ନ ପଞ୍ଚାୟତର ଶତାଧିକ ଲୋକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ସେହିପରି କୋଲେଶ୍ୱର ପଞ୍ଚାୟତ ପକ୍ଷରୁ ମଧ୍ୟ ଅଭିଯୋଗ ହୋଇଥିଲା। ହେଲେ କୌଣସି ସୁଫଳ ନ ମିଳିବାରୁ ଶୁକ୍ରବାର କୋଲେଶ୍ୱର ପଞ୍ଚାୟତର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକେ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। କୋଲେଶ୍ୱର ସରପଞ୍ଚ ଅମୀୟ ପାଣିଗ୍ରାହୀଙ୍କ ନେତୃତ୍ୱରେ ବଡ଼ମ୍ବା ହାଟସ୍ଥିତ ଆଡ଼ିଆ ମହାଦେବପୀଠରୁ ଲୋକେ ଏକ ଶୋଭାଯାତ୍ରାରେ ଆସି ବ୍ଲକ୍ ଅଫିସଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ପରେ ପୋଲିସ୍‌କୁ ଠେଲାପେଲା କରି ବ୍ଲକ୍ ଅଫିସକୁ ଧସେଇ ପଶି ଝରକା କାଚ ଓ ବହୁ ଚୌକି ଭଙ୍ଗାରୁଜା କରିଥିଲେ। ଏହି ସମୟରେ ପୋଲିସ୍ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ୧୧ଜଣ ପୋଲିସ୍ କର୍ମଚାରୀ ଆହତ ହୋଇଛନ୍ତି।

**■ପୋଲିସ-ଆନ୍ଦୋଳନକାରୀ ଧସ୍ତାଧସ୍ତି**

ପୋଲିସ୍ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲା। ଆନ୍ଦୋଳନକାରୀ କାର୍ଯ୍ୟାଳୟ ପରିସରରେ ଗଣଧାରଣା ଦେବା ସହିତ ପ୍ରତିବାଦ ସଭା କରିଥିଲେ। ବିଡିଓ ସଦାନନ୍ଦ ସେଠୀ, ବ୍ଲକ ଅଧ୍ୟକ୍ଷା ଅନୁସୟା ନାଏକ, ଏସ୍‌ଡିପିଓ ଆଲୋକ ରଞ୍ଜନ ରାୟ ପହଞ୍ଚି ବୁଝାଶୁଝା କରିବା ସହିତ ଏହା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**କଟକ ଅଫିସ, ୧୧।୧୦**

କଟକ ଏସ୍‌ସିବି ମେଡିକାଲରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରୋଗୀଙ୍କୁ ଫଳ ବଣ୍ଟନ ଓ ବୃକ୍ଷରୋପଣ କରାଯାଇଥିଲା। ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ ଦେବାଶିଷ ନାୟକ ଓ କଟକ ଜିଲା ଆଇନସେବା ପ୍ରାଧିକରଣ ସଚିବ ଗାର୍ଗୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡା. ପ୍ରସନ୍ନ ସ୍ୱାଇଁ, ନୀଳମାଧବ ରଥ, ରାଜ୍ୟ ଆଇନସେବା ପ୍ରାଧିକରଣ ସହକାରୀ ସଚିବ ଜ୍ୟୋତି ରଞ୍ଜନ ଦାସ, ସଂସ୍ଥା ଅଧିକାରୀ କମଳାକାନ୍ତ କର ପ୍ରମୁଖ ଉପସ୍ଥିତ ରହିଥିଲେ।



**ବିପଦକୁ ବେଖାତିର:** ଭୁବନେଶ୍ୱର-କଟକ ଜାତୀୟ ରାଜପଥରେ ଏକ ଅଟୋରେ ଯାତ୍ରୀମାନେ ବିପଦସଙ୍କୁଳ ଅବସ୍ଥାରେ ଗନ୍ତବ୍ୟସ୍ଥଳକୁ ଯାଉଛନ୍ତି।

## ବ୍ୟକ୍ତିତ୍ୱ ବିକାଶରେ ବହିର ଭୂମିକା ଗୁରୁତ୍ୱପୂର୍ଣ୍ଣ

**କଟକ ଅଫିସ,୧୧।୧୦**

ବହି ମଣିଷର ବ୍ୟକ୍ତିତ୍ୱକୁ ବିକଶିତ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଜୀବନର ଆରମ୍ଭରେ ବହି ସଂସ୍ପର୍ଶରେ ଆସୁଥିଲେ ମଧ୍ୟ କେତେକ ବହିର ପ୍ରଭାବରେ ମଣିଷ ବ୍ୟକ୍ତିତ୍ୱ ସାଧାରଣରୁ ଅସାଧାରଣ ହୋଇଥାଏ ବୋଲି ସୁପ୍ରିମକୋର୍ଟର ପ୍ରାକ୍ତନ ବିଚାରପତି ଡ. ଅରିଜିତ ପଶାୟତ କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଶତାବ୍ଦୀ ଭବନରେ ଆୟୋଜିତ 'ବ୍ୟକ୍ତି ଓ ବହି' କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ ଜଷ୍ଟିସ ପଶାୟତ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ ସଭାପତିତ୍ୱ କରି 'ବ୍ୟକ୍ତି ଓ ବହି' ସାହିତ୍ୟ ଏକାଡେମିର ଏକ ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମ ବୋଲି କହିଥିଲେ। ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇଥିଲେ। ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରରେ ଜଷ୍ଟିସ୍ ପଶାୟତ ମଣିଷ ଜୀବନରେ ବହିର ଭୂମିକା ଓ ପ୍ରାସଙ୍ଗିକତା ସମ୍ପର୍କରେ ଅଲୋଚନା କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଅନ୍ୟତମ ସଦସ୍ୟ କ୍ଷେତ୍ରବାସୀ ନାଏକ ଧନ୍ୟବାଦ ଦେଇଥିଲେ।





କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ପ୍ରାକ୍ତନ ବିଚାରପତି ଡ. ଅରିଜିତ ପଶାୟତ ଉଦ୍‌ବୋଧନ ଦେଉଛନ୍ତି।

### ଶେଷ ପର୍ଯ୍ୟାୟରେ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି

**ଫୁଲନଖରା,୧୧।୧୦(ଡି.ଏନ୍.ଏ.)**

କଟକ ସଦର ଥାନା ଅନ୍ତର୍ଗତ ସଇଁନ୍ଧା-ନଚ୍ଛିପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜାର ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଅବସରରେ ସମସ୍ତ ପୂଜା କମିଟିର ସଭାପତି ଓ ସମ୍ପାଦକମାନଙ୍କୁ ନେଇ ଶୁକ୍ରବାର ଏକ ଶାନ୍ତି କମିଟି ବୈଠକ ସଇଁନ୍ଧା ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପାଇଁ ଶାନ୍ତି କମିଟିର ସଭାପତି ଭାବେ କାର୍ତ୍ତିକ ଚନ୍ଦ୍ର ମହାନ୍ତି, ସମ୍ପାଦକ ଭାବେ ପରିକ୍ଷିତ ସାହୁଙ୍କୁ ମନୋନୀତ କରାଯାଇଥିଲା। ୧୯ତାରିଖରେ ସମସ୍ତ ମେଢ ନଚ୍ଛିପୁର ମଙ୍ଗଳା ମନ୍ଦିର ପାର୍ଶ୍ୱରେ ଏକତ୍ରିତ ହୋଇ ଭସାଣି ଶୋଭାଯାତ୍ରାରେ ବାହାରିବେ ବୋଲି ଶାନ୍ତି କମିଟିର ସଭାପତି ମହାନ୍ତି କହିଛନ୍ତି।

■ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

## ୯ ମାସ ପରେ ବି ହୋଇନି ପ୍ରାକ୍ ଆକଳନ

**କଟକ ସଦର,୧୧।୧୦(ଡି.ଏନ୍.ଏ.)**

ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ କଟକ ସଦର ବ୍ଲକ ପାଇଁ ୬କୋଟି ଟଙ୍କା ମଞ୍ଜୁର କରିଥିଲା। ଅର୍ଥ ମଞ୍ଜୁରର ୯ ମାସ ପରେ ବି ବ୍ଲକ ଯନ୍ତ୍ରୀମାନେ କାର୍ଯ୍ୟର ପ୍ରାକ୍ ଆକଳନ(ପ୍ରି ଏଷ୍ଟିମେଟ) କରିପାରିନାହାନ୍ତି। ତେଣୁ କାର୍ଯ୍ୟ ଆରମ୍ଭରେ ଅନିଶ୍ଚିତତା ଦେଖାଦେଇଛି ବୋଲି ରାଜ୍ୟ ଭାଜପା ସମ୍ପାଦକ ଦିଲୀପ ମଲ୍ଲିକ ଶୁକ୍ରବାର କଟକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୯ ଜାନୁୟାରୀରେ

**କାର୍ଯ୍ୟ ଆରମ୍ଭରେ ଅନିଶ୍ଚିତତା**

ଗୃହ ନିର୍ମାଣ ପାଇଁ ଅରିଲୋ ପଞ୍ଚାୟତ ପାଇଁ ୨୭ଲକ୍ଷ, ଆମଣ, ଆୟତପୁର, ଉରାଳି, କନ୍ଦରପୁର, କିଶୋରନଗର କୂଳସରିଚୁଆଁ, ଗଡିରାଉତ ପାଟଣା, ଝାରକଟା, ଧରିଣା, ଦଧିବାମନପୁର, ପରମହଂସ, ଫକୀରପଡ଼ା, ବୋଧପୁର, ସୋମପୁର ପଞ୍ଚାୟତକୁ ୨୫ଲକ୍ଷ ଟଙ୍କା ଲେଖାଏ, କଳପଡ଼ା ଓ ନିମେଇସାପୁରକୁ ୨୮ଲକ୍ଷ, ଖଣ୍ଡେଏତାକୁ ୩୨ଲକ୍ଷ, ବାରଦା ଓ ବ୍ରହ୍ମପୁରକୁ ୨୭ଲକ୍ଷ, ପ୍ରହରାଜପୁର ପଞ୍ଚାୟତକୁ ୩୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ନିୟମ ମୁତାବକ ଏହି କାର୍ଯ୍ୟ ଆରମ୍ଭ ହେଲେ ଅଧାପନ୍ତରିଆ ରହିବ ନାହିଁ। ଅନ୍ୟପକ୍ଷରେ ସମସ୍ତ ଯନ୍ତ୍ରୀମାନଙ୍କ ନାମରେ କାର୍ଯ୍ୟ ରହିଥିଲେ ମଧ୍ୟ ଛାୟା ଠିକାଦାରମାନେ କ୍ଷେତ୍ରସ୍ଥଳରେ କାମ କରିବେ। କେତେ ପରିମାଣର ଇଟା, ସିମେଣ୍ଟ, ଗୋଡି, ଲୁହା ଛଡ଼ କିଣାଯିବ ତା'ର ଚିଠା ଯନ୍ତ୍ରୀମାନେ ଉକ୍ତ ଠିକାଦାରମାନଙ୍କୁ ନ ଦେବା ଯୋଗୁ କାର୍ଯ୍ୟ ବିଳମ୍ବର ଅନ୍ୟତମ କାରଣ ବୋଲି ଆୟତପୁର ପଞ୍ଚାୟତ ସମିତିସଭ୍ୟ ଗୋକୁଳ ଚନ୍ଦ୍ର ପ୍ରଧାନ କହିଛନ୍ତି। ଅଭିଯୋଗ ସମ୍ପର୍କରେ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ବୈଷୟିକ) ଦେବେନ୍ଦ୍ର ଦାଶ କୁହନ୍ତି, ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଏହି କାର୍ଯ୍ୟ ଶେଷ କରିବା କଥା। ବିଳମ୍ବରେ ହେଲେ ମଧ୍ୟ କାରଣ ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଥିଲେ।

## ସଂକ୍ଷେପରେ

### କୃଷ୍ଣପ୍ରସାଦରେ ସୂଚନା ଅଧିକାର ସଚେତନତା ଶିବିର

କୃଷ୍ଣପ୍ରସାଦ,୧୧।୧୦.(ଡି.ଏନ.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପରିସରରେ ଶୁକ୍ରବାର ସୂଚନା ଅଧିକାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଭକ୍ତିରଞ୍ଜନ ପଲାଇଙ୍କ ନେତୃତ୍ୱରେ ହୋଇଥିବା ଶିବିରରେ ବିଭିନ୍ନ ସଂଗଠନ, ଗ୍ରାମରୁ ୫୦ରୁ ଉର୍ଦ୍ଧ୍ୱ ବୁଦ୍ଧିଜୀବୀ, ଯୁବକ ଯୋଗଦେଇଥିଲେ। ସୂଚନା ଅଧିକାର କ'ଣ, ଏହା ଦ୍ୱାରା ଆମେ କି ସୁବିଧା ପାଇବା, ଆବେଦନ ସମ୍ପର୍କରେ ଭକ୍ତିରଞ୍ଜନ ପଲେଇ, ରାଜକିଶୋର ନାୟକ, ରାକେଶ କୁମାର ନାୟକ ବୁଝାଇଥିଲେ।

### ବିଦାୟ ନେଲେ ମା'



କୃଷ୍ଣପ୍ରସାଦ,୧୧।୧୦(ଡି.ଏନ.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଳରାମପୁର, ବ୍ରାହ୍ମଣଦେଓ, ନନ୍ଦଳା, କୃଷ୍ଣପ୍ରସାଦର ବିଭିନ୍ନ ଗ୍ରାମରେ ମା' ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏସବୁ ସ୍ଥାନରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରାଯାଇଛି। କୃଷ୍ଣପ୍ରସାଦ ବ୍ଲକ ବଳରାମପୁର ଗ୍ରାମର ଜୟଦୁର୍ଗା କ୍ଲବ ପକ୍ଷରୁ ନିର୍ମିତ ତୋରଣ ଆକର୍ଷଣୀୟ ହୋଇଥିଲା। କ୍ଲବ ସଭାପତି ସଞ୍ଜୟ କୁମାର ସାହୁ ଓ ସମ୍ପାଦକ ଆନନ୍ଦ ସାହୁ କୁହନ୍ତି, ଏହି ପୂଜା ଆମେ ୧୧ ବର୍ଷ ଧରି ପାଳନ କରିଆସୁଛୁ। ଭସାଣି ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ଓଡିଶାରୁ ଲୋପ ପାଇବାକୁ ବସିଥିବା ଲୋକନୃତ୍ୟ ପରିବେଷଣ କରୁଛୁ। କଳାକୁ ଉଜ୍ଜୀବିତ କରିବା ପାଇଁ ଆଞ୍ଚଳିକ ଲୋକନୃତ୍ୟକୁ ପ୍ରାଧାନ୍ୟ ଦେଉଛୁ।

### ଗହାଣୀ ପର୍ବ ଅବସରରେ ସାଂସ୍କୃତିକ ଝଲକ



ଖୋର୍ଦ୍ଧା ଅଫିସ, ୧୧।୧୦: ଟାଙ୍ଗୀ ବ୍ଲକ ରତନପୁର ତେଲୁଗୁ ସାହିରେ ଗହାଣୀ ପର୍ବ ଅବସରରେ ସାଂସ୍କୃତିକ ଆସର ଲାଗି ରହିଥିଲା। ମା' ନାରାୟଣୀ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛୋଟ ଛୋଟ ପିଲା ବେଶି ମଜା ଉଠାଇଥିଲେ। ଏଥିରେ ଅନୁଷ୍ଠାନର ସଭାପତି ଜି. ତ୍ରିନାଥ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

■ପୋତି ଦିଆଯାଉଛି ନଦୀ ଅବବାହିକା

# ସଙ୍କୁଚିତ ହେଉଛି ଗଙ୍ଗୁଆ, ଝରିଆ ନଦୀ

ପୁରୁଣା ଭୁବନେଶ୍ୱର/ଜଟଣୀ, ୧୧।୧୦ (ଡି.ଏନ.ଏ.)

ରାଜଧାନୀରେ ଜନସଂଖ୍ୟା ବଢୁଛି। ସେହି ଅନୁପାତରେ ଆବଶ୍ୟକ ସଂଖ୍ୟକ ଗୃହ ନିର୍ମାଣ ହେଉଛି। ବିଲଡରମାନେ ଗୃହ ପାଇଁ ସରକାରୀ କର୍ମଚାରୀଙ୍କୁ ହାତ କରି ବିଭିନ୍ନ ପ୍ରାକୃତିକ ଜଳଉତ୍ସ ଓ ନଦୀ ଅବବାହିକା ପୋତି ଦେଉଥିବାରୁ ଏହା ସଙ୍କୁଚିତ ହୋଇଗଲାଣି। ନଦୀ ଓ ନାଳଠାରୁ ଏକ ନିର୍ଦ୍ଦିଷ୍ଟ ଦୂରତା ମଧ୍ୟରେ କୌଣସି ନିର୍ମାଣ ହେବନାହିଁ ବୋଲି ସରକାରୀ କଟକଣା ରହିଛି। ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ ମଧ୍ୟ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କୁ ତାଗିଦ୍ କରିଛନ୍ତି। ହେଲେ ଏସବୁ ନୀତିନିୟମ କେବଳ କାଗଜକଲମରେ ରହିଯାଉଛି। ସମ୍ପ୍ରତି ଗଙ୍ଗୁଆ ନଦୀ ଏହାର ଜ୍ୱଳନ୍ତ ଉଦାହରଣ। ଏକଦା ଗନ୍ଧବତୀ ନଦୀ ନାମରେ ଖ୍ୟାତି ଥିବା ଏହି ଜଳଉତ୍ସଟି ବର୍ତ୍ତମାନ ସତ୍ତା ହରେଇଲାଣି। ନଦୀର ଉଭୟପାର୍ଶ୍ୱ ପଠା ଜବରଦଖଲ ହୋଇସାରିଛି। ନୂତନ ଭାବେ ଅନେକ କଲୋନୀ ଗଢ଼ି ଉଠିଥିବାରୁ ଏହା ସମ୍ପୂର୍ଣ୍ଣ ଭାବେ ସଙ୍କୁଚିତ ହୋଇଗଲାଣି। ଅନ୍ୟପକ୍ଷେ ରାଜଧାନୀର ମୁଖ୍ୟ ୯ଟି ଡ୍ରେନ ସଂଯୋଗ ଯୋଗୁ ଏହା ପ୍ରଦୂଷିତ ନାଳର ଆଖ୍ୟା ପାଇଲାଣି। ସେହିଭଳି ରାଜଧାନୀ ନିକଟ ଝରିଆ ନଦୀ, ଯାହାକି ପ୍ରଧାନସାହି, ବିରିବନ୍ଧ, ଜାମୁକୋଳି ଆଦି ଗ୍ରାମ ଦେଇ ଗଙ୍ଗୁଆରେ ମିଶିଛି। ପ୍ରାକୃତିକ ଜଳଉତ୍ସଗୁଡିକର ମଧ୍ୟ ଗଙ୍ଗୁଆ ନଦୀ ଭଳି ଅନୁରୂପ ଅବସ୍ଥା ପାଲଟିଛି। ଅବବାହିକା ପୋତା ହୋଇଯିବା, ବେଆଇନ ନିର୍ମାଣ କାରଣରୁ ଝରିଆ, ଚାନ୍ଦୁଆ ନଦୀ ଗତିପଥ ବଦଳାଇ ଚାଷୀ ଓ ଚାଷ ପ୍ରତି ବିପଦ ସୃଷ୍ଟି କରିଛି ବୋଲି ଚାଷୀମାନେ କହିଛନ୍ତି। ଜଳସେଚନ ବିଭାଗ ପକ୍ଷରୁ ବିରିବନ୍ଧ ନିକଟରେ ଝରିଆ ନଦୀରେ ୨ ଟି ଚେକ୍ ଡ୍ୟାମ ନିର୍ମାଣ ଅଧାପନ୍ତରିଆ ଭାବେ ପଡିରହିଛି। ଚାଷୀ ବନ୍ୟାଦାଉରୁ ରକ୍ଷା ପାଇ ପାରୁନାହାନ୍ତି। ଏଣୁ ଆଗାମୀ ଦିନରେ ପ୍ରଶାସନିକ ସ୍ତରରେ ଜଳସେଚନର ଉନ୍ନତି କରିବାକୁ ଗଙ୍ଗୁଆ, ଝରିଆ ଓ ଚାନ୍ଦୁଆ ନଦୀ କୂଳବାସୀ ଦାବି କରିଛନ୍ତି।

**ଚେକ ଡ୍ୟାମ ନିର୍ମାଣ ଶେଷ କରିବାକୁ ଚାଷୀଙ୍କ ଦାବି**



ଚାନ୍ଦୁଆ ନଦୀ ।

**ଏମାନେ ଯାହା କୁହନ୍ତି...**

**ନଦୀ ଉପରେ ନିର୍ଭର କରୁଥିଲେ ଲୋକେ**

ଦିନ ଥିଲା ଏହି ଅଞ୍ଚଳର ପ୍ରାୟ ସବୁ ପଞ୍ଚାୟତବାସୀ ଝରିଆ, ଚାନ୍ଦୁଆ ଓ ଗଙ୍ଗୁଆ ନଦୀ ଉପରେ ନିର୍ଭର କରୁଥିଲେ। ବିରିବନ୍ଧ, ଜାମୁକୋଳି, ପ୍ରଧାନସାହି ଆଦି ଅଞ୍ଚଳ ଦେଇ ନଦୀଗୁଡିକ କୁକୁଡ଼ାଘାଇ, ଜୟପୁର, ଇଟିପୁର, ବିକିପୁର ପ୍ରଭୃତି ଗ୍ରାମ ଦେଇ ପ୍ରବାହିତ ହୋଇଛି।

**-ଦୁଃଶାସନ ମହାନ୍ତି, ଚାଷୀ, ପ୍ରଧାନସାହି**

**ନାଳ ପ୍ରତି ଜଳସେଚନ, କୃଷି ବିଭାଗ ଦୃଷ୍ଟି ଦେଉ**

କାଡ଼ାନାଳ, ଚକନାଳ ଓ ନଦୀ ପ୍ରତି ଜଳସେଚନ ଏବଂ କୃଷି ବିଭାଗ ଦୃଷ୍ଟି ନ ଦେବା ଯୋଗୁ ଆମ ଅଞ୍ଚଳର ଅନେକ ଚାଷୀ ଚାଷ ଛାଡି ଦୋକାନ ବଜାର ସହ ଦିନ ମଜୁରି କାମ କଲେଣି। ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା କଲୋନୀର ବର୍ଜ୍ୟବସ୍ତୁ ଝରିଆ ଓ ଚାନ୍ଦୁଆ ନଦୀକୁ ଛାଡ଼ି ଦିଆଯାଉଛି। ଏହାଦ୍ୱାରା ଜମି ଚାଷ ଉପଯୋଗୀ ହୋଇ ରହୁନାହିଁ। ବିଭିନ୍ନ ସ୍ଥାନରେ ବନ୍ଧ ନ ଥିବା ଯୋଗୁ ବର୍ଷାଦିନେ ବନ୍ୟା ପ୍ରକୋପ ଦାଉ ସାଧୁଛି।

**-ହେମନ୍ତ ଜେନା, ଚାଷୀ, ବିରିବନ୍ଧ**

**ଚେକ୍‌ଡ୍ୟାମ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ**

ଅସମ୍ପୂର୍ଣ୍ଣ ଚେକ୍ ଡ୍ୟାମ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ। ନଦୀ ଅବବାହିକା ଉପରୁ ବେଆଇନ ଭାବେ ହୋଇଥିବା ନିର୍ମାଣ ଭଙ୍ଗାଯିବା ସହ ଚାଷୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**-ବାସୁଦେବ ମାହାରୀ, ବିଡିଓ, ଜଟଣୀ**

### ଆଦିବାସୀ ଯୁବନେତୃତ୍ୱ କର୍ମଶାଳା

ଚିଲିକା,୧୧।୧୦(ଡି.ଏନ.ଏ.): ଏକତା ପରିଷଦ ଟ୍ରଷ୍ଟ ପକ୍ଷରୁ ଆଦିବାସୀ ଯୁବ ନେତୃତ୍ୱ କର୍ମଶାଳା ଶୁକ୍ରବାର ଚିଲିକା ବ୍ଲକ ଅନ୍ତର୍ଗତ ବଡ଼କୁଳ ପାନ୍ଥନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ ଅଧ୍ୟୁଷିତ ନୀଳାଦ୍ରିପ୍ରସାଦ, ଦାମିଆ ବରବରା (ଖୋର୍ଦ୍ଧା ବ୍ଲକ୍), ଗଞ୍ଜାମ ଜିଲା ପାଣ୍ଡିରିପଡ଼ା ଗ୍ରାମପଞ୍ଚାୟତର ଦେଢ଼ଶହରୁ ଉର୍ଦ୍ଧ୍ୱ ଯୁବତୀଯୁବକ ଯୋଗଦେଇ ମୋ ସ୍ୱପ୍ନ ମୋ ପଞ୍ଚାୟତ ଶୀର୍ଷକରେ ଆଲୋଚନା କରିଥିଲେ। ବିକାଶରେ ବାଧକ ହେଉଥିବା ବିଭିନ୍ନ ସମସ୍ୟାର ମୁକାବିଲା କରି ଦୁର୍ନୀତିମୁକ୍ତ ପଞ୍ଚାୟତ ରୂପେ ଗଢ଼ି ତୋଳିବାକୁ ସମସ୍ତ ଶିବିରାର୍ଥୀ ଶପଥ ନେଇଥିଲେ। କର୍ମଶାଳାରେ ସମ୍ବଳ ବ୍ୟକ୍ତିତ୍ୱ ଭାବେ ସାମାଜିକ କର୍ମୀ ଶ୍ରୀ ସୋମ୍ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏକତା ପରିଷଦ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସନ୍ଧ୍ୟା ଦେବୀ ପରିଚାଳନା କରିଥିବା ବେଳେ ଅଞ୍ଚଳର ବୁଦ୍ଧିଜୀବୀ ମୋହିବୁଲ ହକ୍, ବୈକୁଣ୍ଠ ପ୍ରଧାନ, ସୁଶୀଳ କୁମାର ପ୍ରଧାନ, ସୁଶାନ୍ତ କୁମାର ଦାଶ, ମଳୟ ବେହେରା, ତାରା ପ୍ରସାଦ ବାରିକ, ମଧୁସ୍ମିତା ବାରିକ ପ୍ରମୁଖ ଯୋଗଦେଇଥିଲେ। ପ୍ରତିମାସରେ ତିନୋଟି ପଞ୍ଚାୟତର ଯୁବକର୍ମୀଙ୍କ ସହ ବିଚାର ବିମର୍ଷ ପରେ ଯୋଜନା ପ୍ରସ୍ତୁତ କରାଯାଇ ପଞ୍ଚାୟତ ସ୍ତରରେ ତାହାର ପ୍ରୟୋଗ କରାଯିବାକୁ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଘୋଷଣା କରିଥିଲେ।

■ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ

## ଜୟପ୍ରକାଶ ଦେଶକୁ ଦ୍ୱିତୀୟ ସ୍ୱାଧୀନତା ଦେଇଥିଲେ

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

ସାଧାରଣ ଗରିବ ଶ୍ରେଣୀର ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଦିଗରେ ଜୟପ୍ରକାଶ ନାରାୟଣ କାର୍ଯ୍ୟ କରୁଥିଲେ। ସେ ଶୋଷଣହୀନ ସମାଜ ଗଠନ କରିବା ନିମନ୍ତେ ଅହରହ ଉଦ୍ୟମ ଚଳାଇଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀ ଭାରତବର୍ଷକୁ ଏକ ନୂତନ ଦିଶା ଦେବା ସହିତ ସ୍ୱାଧୀନତା ଆଣିଥିଲେ। ଗାନ୍ଧିଜୀଙ୍କ ପରେ ଜୟପ୍ରକାଶ ଦେଶକୁ ଅର୍ଥନୈତିକ କ୍ଷେତ୍ରରେ ପରିବର୍ତ୍ତନ ଆଣି ଦ୍ୱିତୀୟ ସ୍ୱାଧୀନତା ଦେଇଥିଲେ ବୋଲି ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ମତବ୍ୟକ୍ତ କରିଛନ୍ତି।

ଶୁକ୍ରବାର ଇଉ୍‌କଲ ଅଡ଼ିଟୋରିୟମରେ ଜୟପ୍ରକାଶ ଫାଉଣ୍ଡେଶନ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୭ତମ ଜୟନ୍ତୀ ଉତ୍ସବ ଓ ସ୍ମାରକୀ ବକ୍ତୃତା ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ହରିବଂଶ ଯୋଗଦେଇ କହିଥିଲେ, ଗାନ୍ଧୀଙ୍କ ପରି ଜୟପ୍ରକାଶ ମଧ୍ୟ କେବେ କ୍ଷମତା ରାଜନୀତି ପ୍ରତି ଆକୃଷ୍ଟ ହୋଇ ନ ଥିଲେ କିମ୍ବା ନିର୍ବାଚନ ଲଢ଼ି ନ ଥିଲେ। ତାଙ୍କୁ ୩ଥର ପ୍ରଧାନମନ୍ତ୍ରୀ ପଦ ଯଚା ଯାଇଥିଲେ ମଧ୍ୟ ସେ ସେଥିପ୍ରତି ଆଗ୍ରହ ପ୍ରକାଶ କରି ନ ଥିଲେ। ତେଣୁ ଜନସାଧାରଣ ତାଙ୍କୁ ଲୋକନାୟକ ଆଖ୍ୟା ଦେଇଥିଲେ। ହରିବଂଶ ଏଥିସହିତ ଅର୍ଥନୈତିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

ଉତ୍ସବରେ ସମ୍ମାନିତ ଅତିଥି ଭାବେ ଔପନ୍ୟାସିକ ତଥା ସମାଜବାଦୀ ନେତା ଡ. ବିଭୂତି ପଟ୍ଟନାୟକ, 'ଓଡ଼ିଶା ଭାସ୍କର'ର ପରିଚାଳନା ନିର୍ଦ୍ଦେଶକ ମଧୁ ମହାନ୍ତି, ଶ୍ରମିକ ନେତା କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ଏମ୍‌ପି ନଗେନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ମୁନ୍ନା ଖାଁ ପ୍ରମୁଖ ଯୋଗଦେଇଥିଲେ। ଏହିଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମାଜିକ କର୍ମୀ ଚିତ୍ତ ରଞ୍ଜନ ମହାନ୍ତି, ମୀନକେତନ, ବିଶ୍ୱନାଥ ଧଳ, ପ୍ରଶାନ୍ତ ମିଶ୍ର, ଆଇନଜୀବୀ ଶିଶିର ଦାସ, ଶ୍ରମିକ ନେତା ଯୋଗେନ୍ଦ୍ର ତ୍ରିପାଠୀ ଏବଂ ଉତ୍ତମ କାର୍ଯ୍ୟ ପାଇଁ 'ଲାଓ୍ସ' ଅନୁଷ୍ଠାନକୁ ଲୋକନାୟକ ସମ୍ମାନ-୨୦୧୯ରେ ସମ୍ମାନିତ କରାଯାଇଥିଲା। ଏଥିସହ ଫାଉଣ୍ଡେଶନର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଉତ୍ସବରେ ଫାଉଣ୍ଡେଶନର ସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ପଞ୍ଚାନନ ସେନାପତି ଅତିଥି ପରିଚୟ ଓ ପ୍ରାରମ୍ଭିକ ଭାଷଣ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଭାସ ସାମନ୍ତରାୟ ଉତ୍ସବକୁ ପରିଚାଳନା କରିଥିଲେ।



ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

### ସ୍ତ୍ରୀଙ୍କୁ ଅସଦାଚରଣ, ସ୍ୱାମୀଙ୍କୁ ମାଡ଼: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କ ସ୍ୱାମୀଙ୍କୁ ମାଡ ମାରିବା ଅଭିଯୋଗରେ ପ୍ରଶାନ୍ତି ବିହାର ଅଞ୍ଚଳର ସମ୍ବିତ ପ୍ରହରାଜଙ୍କୁ ପୋଲିସ ଗିରଫ କରିଛି। ସୂଚନା ମୁତାବକ, ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କ ସହ ସମ୍ବିତଙ୍କ ବନ୍ଧୁତା ଥିଲା। ପରବର୍ତ୍ତୀ ସମୟରେ ସେ ମହିଳାଙ୍କୁ ଏକ ତରଫା ପ୍ରେମ କରିବା ସହ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। କିଛି ଦିନ ତଳେ ଏକୁଟିଆର ସୁଯୋଗ ନେଇ ତାଙ୍କ ସହ ଅସଦାଚରଣ ମଧ୍ୟ କରିଥିଲେ। ଏ କଥା ସ୍ୱାମୀଙ୍କ କାନରେ ପଡ଼ିଥିଲା। ଗତ ବୁଧବାର ସନ୍ଧ୍ୟାରେ ସମ୍ବିତ ଏବଂ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ମୁହାଁମୁହିଁ ହେବାରୁ ମାରପିଟ ଘଟିଥିଲା। ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ କେସ୍ (ନଂ. ୩୯୦/୧୯) ରୁଜୁ କରିଥିଲା।

### ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ

ବାଙ୍କୀ,୧୧।୧୦(ସ୍ୱ.ପ୍ର.)

ବାଲି ବୋଝେଇ ହାଇୱା ଧକ୍କାରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଙ୍କୀ ଥାନା ଅଧୀନ ବ୍ରହ୍ମପୁରା ଗ୍ରାମର ସୂର୍ଯ୍ୟମଣି ସାହୁଙ୍କ ପୁଅ ଅନ୍ତର୍ଯ୍ୟାମୀ ସାହୁ(୨୨)। ହାଇୱାଟି ବାଲି ବୋଝେଇ କରି ବାଙ୍କୀରୁ କଳାପଥର ରାସ୍ତାରେ ଯିବାବେଳେ ବ୍ରହ୍ମପୁରା ଛକଠାରେ ଠିଆ ହୋଇଥିବା ଅନ୍ତର୍ଯ୍ୟାମୀଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅନ୍ତର୍ଯ୍ୟାମୀଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବାଙ୍କୀ ଥାନା ଅଧିକାରୀ ସମୀର କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ହାଇୱାକୁ ଜବତ କରିଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଥାନା ଅଧିକାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଖବର ଲେଖା ହେବାବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ମୃତକ ଜଣକ ଏକ ଗରିବ ପରିବାରର। ତାଙ୍କ ବାପା ଦିନମଜୁରିଆଭାବେ କାମକରି ପରିବାର ଚଳାଉଛନ୍ତି। ତେଣୁ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ଜଟଣୀରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ ।

ଜଟଣୀ,୧୧।୧୦(ଡି.ଏନ.ଏ.): ଜଟଣୀରେ ବିଜେଡି ପକ୍ଷରୁ ଶୁକ୍ରବାର ସଭ୍ୟ ପଞ୍ଜୀକରଣ ଅଭିଯାନ ଓ ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଥିଲା। ସ୍ଥାନୀୟ ଉତ୍ତରାୟଣୀ ମନ୍ଦିର ନିକଟରୁ ମୁଖ୍ୟ ରାସ୍ତା ଦେଇ ଟାଉନହଲ୍ ପର୍ଯ୍ୟନ୍ତ ଏହି ପଦଯାତ୍ରା ଯାଇଥିଲା। ସ୍ଥାନୀୟ ବିଜେଡି ନେତା କୁନେଇ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପଦଯାତ୍ରାରେ ବିଜେଡି ରାଜ୍ୟ ସମ୍ପାଦକ ସନ୍ତୋଷ ଜେନା, ସୁଦର୍ଶନ ସୁନ୍ଦରାୟ,ଖୋର୍ଦ୍ଧା ଜିଲା ଯୁବ ବିଜେଡି ସଭାପତି ବିଷ୍ଣୁ ପ୍ରସାଦ ଡେଙ୍ଗ, ଉପସଭାପତି ଦୀପକ ମହାକୁଡ଼, ଜଟଣୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦୀପକ ଜେନା, ନମିତା ପାଲ, ମ୍ୟୁନିସିପାଲିଟିର ପୂର୍ବତନ ଉପାଧ୍ୟକ୍ଷା ଅନ୍ନପୂର୍ଣ୍ଣା ସାହୁ ଓ ଅନେକ ବିଜେଡି କର୍ମୀ ସାମିଲ ହୋଇଥିଲେ।

### ୧୪ରୁ ଜଟଣୀ ପୁସ୍ତକ ମେଳା

ଜଟଣୀ, ୧୧।୧୦(ଡି.ଏନ.ଏ.): ଆସନ୍ତା ଅକ୍ଟୋବର ୧୪ ରୁ ଏକବିଂଶତମ ଜଟଣୀ ପୁସ୍ତକ ମେଳା ଆରମ୍ଭ ହେବ। ବାତ୍ୟା ଫନୀ ଯୋଗୁ ସ୍ଥଗିତ ଥିବା ଏହି ପୁସ୍ତକ ମେଳା ସ୍ଥାନୀୟ ଟାଉନ୍‌ହଲ(ସ୍ରଷ୍ଟା) ପରିସରରେ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପୁସ୍ତକମେଳା କମିଟି ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପୁସ୍ତକମେଳାରେ ୨୦ରୁ ଅଧିକ ପ୍ରକାଶନୀ ସଂସ୍ଥା ଯୋଗ ଦେବେ। ଏଥିସହ ବିଭିନ୍ନ ଦିବସରେ କବିତା ପାଠୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଆ ଭାଷା ସାହିତ୍ୟ ଉପରେ ଆଲୋଚନାଚକ୍ର, ଓଡ଼ିଶୀ ନୃତ୍ୟୋତ୍ସବ, ଭଞ୍ଜ ସାହିତ୍ୟ ସମାରୋହ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ସ୍ମରଣିକା ଉନ୍ମୋଚନ, ପୁସ୍ତକମେଳା ସମ୍ମାନ ପ୍ରଦାନ ଓ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯିବ ବୋଲି କମିଟିର କାର୍ଯ୍ୟକାରୀ ସଭାପତି କୁମାର ମୋହନ ମହାନ୍ତି ଓ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ପୁସ୍ତକମେଳା କମିଟିର ଜବାହରଲାଲ ସୁବୁଦ୍ଧି, ଭବାନୀଶଙ୍କର ମହାପାତ୍ର, ସୁଶାନ୍ତ ରାଉତ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

### ମେଧାବୀଙ୍କୁ ଅଭିନନ୍ଦନ, ପରିବାର ମିଳନ କାର୍ଯ୍ୟକ୍ରମ

ଜଟଣୀ,୧୧।୧୦(ଡି.ଏନ.ଏ.): ଆର୍ଥିକ ଅନଗ୍ରସର ବିଦ୍ୟାର୍ଥୀଙ୍କୁ ଅଧ୍ୟୟନ ପାଇଁ ମେଧାବୀ ଅଭିନନ୍ଦନ ନାମରେ ୧୨ ବର୍ଷ ଧରି ଆର୍ଥିକ ସହାୟତା ପ୍ରଦାନ କରି ଆସୁଥିବା ପାଣ୍ଡବ ଜେନା ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର ପରିବାର ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜଟଣୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏହା ଆୟୋଜିତ ହୋଇଥିଲା। ଫାଉଣ୍ଡେଶନ୍‌ର ଉପଦେଷ୍ଟା ତଥା ଶିକ୍ଷାବିତ୍ ତ୍ରିଲୋଚନ ମହାପାତ୍ରଙ୍କ ପୌରୋହିତ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଆର୍ଥିକ ଓ ପାଠ୍ୟ ଉପକରଣ ସହାୟତା ନେଇ ଶିକ୍ଷା ଗ୍ରହଣ କରୁଥିବା ୧୮୦ ଜଣ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାର ଲୋକେ ଉପସ୍ଥିତ ରହିଥିଲେ। ଏଥିରେ ନୂତନ ୨୮ ଜଣ ବିଦ୍ୟାର୍ଥୀଙ୍କୁ ଉପସ୍ଥିତ ଅତିଥିମାନେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସହାୟତା ପାଉଥିବା ବିଦ୍ୟାର୍ଥୀ ଓ ସେମାନଙ୍କ ପରିବାର ଲୋକେ ଫାଉଣ୍ଡେଶନର ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏଥିରେ ସ୍ୱୟଂସେବକ ସଂଘର ପୁରୀ ବିଭାଗ ପ୍ରଚାରକ ଅସିତ କୁମାର ସ୍ୱାଇଁ, ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷ ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟା ବିନତି ଜେନା, ସଂସ୍କୃତି ସୁରକ୍ଷା ସମିତିର ଆବାହକ କୈଳାସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଚିତ୍ତ ପ୍ରଧାନ, ରାମଚନ୍ଦ୍ର ସାହୁ, ପ୍ରଦୀପ ବାରିକ ପ୍ରମୁଖ ସହାୟତା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ମେଧାବୀ ଛାତ୍ରୀଛାତ୍ର ଓ ଅନ୍ୟମାନେ ।

■ଲୋଭ କଳା ବାଟବଣା

## ଠକିବାକୁ ଆସି ଫସିଗଲେ ୩ କର୍ମଚାରୀ

ଖୋର୍ଦ୍ଧା ଅଫିସ, ୧୧।୧୦:

ଲୋଭ ବାଟବଣା କରିଦେଲା। ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ୪୦ ହଜାର ଟଙ୍କାର ଋଣ କରାଇବାର ପ୍ରତିଶ୍ରୁତି ଦେଇ ୧୫୦୦ ଟଙ୍କା ଇନ୍ସୁରାନ୍ସ ବାବଦକୁ ଠକି ନେଇଥିବା ଫାଇନାନ୍ସ ସଂସ୍ଥାର ୩ ଜଣ କର୍ମଚାରୀ ଶୁକ୍ରବାର ଫସି ଯାଇଛନ୍ତି। ଉକ୍ତ ଠକ କର୍ମଚାରୀଙ୍କୁ ମହିଳା ସଦସ୍ୟାମାନେ କାବୁ କରି ବେଗୁନିଆ ଥାନା ପୋଲିସ ଜିମା ଦେଇଛନ୍ତି। ପୋଲିସ ୩ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ,

**■୪୦ ହଜାର ଋଣ ପାଇଁ ନେଇଥିଲେ ୧୫୦୦ଟଙ୍କା**

**■ପୋଲିସ ଜିମା ଦେଲେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା**

ଜଣେ ମହିଳା ୧୫ ଶହ ଟଙ୍କା ଇନ୍ସୁରାନ୍ସ ବାବଦକୁ ଦେଲେ ୪୦ ହଜାର ଟଙ୍କା ଋଣ ମିଳିବ। ଏହି ସୁବିଧା କେବଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ନେଇ ପାରିବେ। ଜଣେ ମହିଳା ଆସି ବଡବେରଣା ଅଞ୍ଚଳରେ ଏଭଳି ପ୍ରତିଶ୍ରୁତି ଦେଇ ଗୋଟିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୪୫ ସଦସ୍ୟାଙ୍କଠାରୁ ୧୫୦୦ ଟଙ୍କା ଗତ ୬ ତାରିଖରେ ନେଇ ଯାଇଥିଲେ। ହେଲେ ଋଣ ଦେଇ ନ ଥିଲେ। ଟଙ୍କା ନେବା ପରେ ଉକ୍ତ ମହିଳାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ତେବେ ଉକ୍ତ ମହିଳା ନିଜର କେତେଜଣ ସହଯୋଗୀଙ୍କ ଦ୍ୱାରା ବେଗୁନିଆ ବ୍ଲକର ଗୋଟିଏ ଗାଁ ପରେ ଅନ୍ୟ ଗାଁକୁ ଟାର୍ଗେଟ କରି ତା'ର ଠକେଇ ଚାଲୁ ରଖିଥିଲା। ଗେଡିଆପଲ୍ଲୀର ଆଦିବାସୀସାହିରେ ଏହି ସଂସ୍ଥା ଦ୍ୱାରା ଏକ ସ୍ୱୟଂ ସହାୟିକା ଗୋଷ୍ଠୀର କେତେଜଣ ସଦସ୍ୟା ଠକେଇର ଶିକାର ହୋଇଛନ୍ତି। ଶୁକ୍ରବାର ମହିଳାଙ୍କ ସମେତ ଫାଇନାନ୍ସ ସଂସ୍ଥାର ୩ କର୍ମଚାରୀ ଗୋବିନ୍ଦପୁରରେ ନିଜର କାରାନାମା ଜାରି ରଖିଥିଲେ। ଖବରପାଇ ବଡବେରଣାର ମହିଳାମାନେ ଠକେଇ ସଂସ୍ଥାର ୩ କର୍ମଚାରୀଙ୍କ ସହ ଯୋଗାଯୋଗ କରି ଆଉ ଏକ ନୂଆ ଗୋଷ୍ଠୀ ଋଣ ନେବେ କହି ଡାକି ଆଣିଥିଲେ। ପରେ ସେମାନଙ୍କୁ ଅଟକ ରଖି କେଉଁ ସଂସ୍ଥା ଋଣ ଦେବ ତା'ର କାଗଜାତ ମାଗିଥିଲେ। ହେଲେ କାଗଜାତ ଦେଖାଇ ନ ପାରିବାରୁ ଜବତ କାର ସହ ଅଟକ ୩ଜଣଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ।



ବେଗୁନିଆ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି ।

**ମହିଳାଙ୍କୁ ଲୁଟିବାକୁ ଦଲାଲ ସକ୍ରିୟ**

ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଗାଁରେ ଗଠନ କରିଛନ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ। ଋଣ ବି ଦେଉଛନ୍ତି। କେତେଗୋଟି ବେସରକାରୀ ସଂସ୍ଥା ମଧ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ସହଯୋଗ କରୁଛନ୍ତି। ତେବେ କେତେଜଣ ଦଲାଲ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ଠକିବା ପାଇଁ ବିଭିନ୍ନ ପ୍ରକାରର ଋଣ କରାଇବାର ବାହାନା ଦେଖାଇ ଲୁଟ୍ କରି ଆସୁଛନ୍ତି। ହେଲେ ସବୁ ଘଟଣା ଲୋକଲୋଚନକୁ ଆସୁ ନ ଥିଲେ ହେଁ ଅନେକ ଘଟଣା ଠକେଇକୁ ପ୍ରମାଣିତ କରୁଛି।

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ସାଲେପୁର,୧୧।୧୦(ଡି.ଏନ.ଏ.)

୩ଦିନ ତଳେ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ସାଲେପୁର ବ୍ଲକ ଅଧୀନ ତେନ୍ତୋଳ ନିକଟସ୍ଥ ନିମଗାଦି ନିକଟରେ ଥିବା ଚିତ୍ରୋତ୍ପଳା ନଦୀରୁ ଉଦ୍ଧାର କରାଯାଇଛି। ସେ ହେଲେ ଜଗତ୍‌ପୁର ଥାନା ଅଧୀନ ବାଲିସାହି ଗ୍ରାମର ମହେନ୍ଦ୍ର ପାତ୍ରଙ୍କ ପୁଅ ବଳରାମ(୧୮)। କୌଣସି କାରଣରୁ ବଳରାମ ଘରୁ ଯାଇ ଆଉ ଫେରି ନ ଥିଲେ। ପୁଅ ନିଖୋଜ ନେଇ ମହେନ୍ଦ୍ର ଜଗତ୍‌ପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଦୀରେ ଭାସିଯାଇଥିବା ନେଇ ସନ୍ଦେହ ହେବାରୁ ପୋଲିସ୍ ପକ୍ଷରୁ ଓଡ୍ରାଫ୍ ଟିମ୍ ଓ ଦମକଳ ବିଭାଗକୁ ଖବର ଦିଆଯାଇଥିଲା। ପରେ ସେମାନେ ଖୋଜାଖୋଜି କରିଥିଲେ। ସକାଳେ ତେନ୍ତୋଳ ଗ୍ରାମ ନିକଟରେ ଥିବା ନଦୀରେ ବଳରାମଙ୍କ ମୃତଦେହ ଭାସୁଥିବା ଜଣାପଡ଼ିବା ପରେ ଓଡ୍ରାଫ୍ ଟିମ୍ ଉଦ୍ଧାର କରିଥିଲା। ପରେ ସାଲେପୁର ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ନଂ-୧୮/୧୯ ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି।